କେବଳ କଥାରେ ହୁଏ ନାହିଁ ଦେଶ ନିର୍ମାଣ
୫ ବର୍ଷରେ ବିଜେପି ଲୋକଙ୍କ ବିଶ୍ୱାସ ହରେଇଛି । ବିମୁଦ୍ରାକରଣ କଲେ । ଗରିବ ଆହୁରି ଗରିବ ହେଲା । ଜିଏସ୍‌ଟି କଲେ । ଯୁବକ ରୋଜଗାର ହରାଇଲେ । ଚାଷୀ ପାଇଁ କିଛି କଲେ ନାହିଁ । ଗରିବ, ଚାଷୀ, ମହିଳା, ଯୁବକ, ଏସ୍ ଟି ଏସ୍ ସି ଓ ସାଧାରଣ ଲୋକ ସମସ୍ତେ ହତାଶ । ସେଥିପାଇଁ ବିଜେପି ସବୁ ନିର୍ବାଚନରେ ହାରୁଛି ।
'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର । ଥରେ ଏମ୍.ପି.ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।
ବିଜୁ ଜନତା ଦଳ

# ରାତି ୭ଟା ସୁଦ୍ଧା ୭୧.୧% ମତଦାନ

ଢେଙ୍କାନାଳ ଅଫିସ, ୨୩।୪



**ଢେଙ୍କାନାଳ ଜିଲ୍ଲା**
- ୭୫ ପ୍ରତିଶତ ଟପିବା ସମ୍ଭାବନା
- ଇଭିଏମ୍‌ରେ ତ୍ରୁଟି, ମତଦାନ ବିଳମ୍ବିତ
- ହୃଦ୍‌ଘାତରେ ପୋଲିଂ କର୍ମଚାରୀ ମୃତ
- କାଁ ଭାଁ ହିଂସାକାଣ୍ଡ, ପ୍ରାୟତଃ ଶୃଙ୍ଖଳିତ

ତୃତୀୟ ପର୍ଯ୍ୟାୟ ନିର୍ବାଚନର ଯବନିକା ପଡ଼ିଛି । ଢେଙ୍କାନାଳ ଲୋକ ସଭା ସମେତ ଜିଲାର ୪ ନିର୍ବାଚନମଣ୍ଡଳୀର ୩୯ ପ୍ରାର୍ଥୀଙ୍କ ଭାଗ୍ୟ କଏଦ ହୋଇଛି ଇଭିଏମ୍‌ରେ । ଏହି ଭାଗ୍ୟ ପେଡ଼ି ଖୋଲିବ ମେ ୨୩ ଭୋଟଗଣତି ଦିନ । ସନ୍ଧ୍ୟା ୭ସୁଦ୍ଧା ଜିଲାରେ ୭୧.୧୦% ଭୋଟିଂ ରେକର୍ଡ କରାଯାଇଛି । କାମାକ୍ଷାନଗର ଉପଖଣ୍ଡରେ ପ୍ରବଳ ବର୍ଷା ଯୋଗୁ ମତଦାନ ସମ୍ପର୍କିତ ସ୍ପଷ୍ଟ ତଥ୍ୟ ମିଳିପାରିନାହିଁ । ଚଳିତ ନିର୍ବାଚନରେ ଭୋଟହାର ୭୫% ଟପିବା ସମ୍ଭାବନା ରହିଥିବା ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ କହିଛନ୍ତି । କାଁ ଭାଁ ନିର୍ବାଚନୀ ଗଣ୍ଡଗୋଳ, ଇଭିଏମ୍ ତ୍ରୁଟିକୁ ବାଦ୍‌ଦେଲେ ମତଦାନ ପ୍ରାୟତଃ ଶାନ୍ତିପୂର୍ଣ୍ଣ ଥିବା ସେ ସୂଚନା ଦେଇଛନ୍ତି ।

ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ସତ୍ତ୍ୱେ ଇଭିଏମ୍ ଏବଂ ଭିଭିପିଏଟିରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ବିଭିନ୍ନ ସ୍ଥାନରେ ମତଦାନ ବିଳମ୍ବିତ ହୋଇଥିଲା । ଢେଙ୍କାନାଳ କୁଞ୍ଜକାନ୍ତସ୍ଥିତ ୧୭୩ନଂ. ବୁଥ୍, ସଦର ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତର ମଣ୍ଡାପାଳ ମତଦାନ କେନ୍ଦ୍ରରେ ବୈଷୟିକ ତ୍ରୁଟିରୁ ମକ୍ ପୋଲିଂ ନିର୍ଦ୍ଧାରିତ ସମୟରେ ହୋଇପାରି ନ ଥିଲା । ମତଦାନରେ ପାଖାପାଖି ଘଣ୍ଟାଏରୁ ଅଧିକ ବିଳମ୍ବ ହୋଇଥିଲା । ପୌରାଞ୍ଚଳର କଲେଜପଡ଼ା ସ୍କୁଲ ୧୭୦ନଂ. ବୁଥରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ସେହିପରି କାମାକ୍ଷାନଗର ବାଳିକା ଉଚ୍ଚ ପ୍ରାଥମିକ ସ୍କୁଲ ୧୯ନଂ. ବୁଥ୍‌ରେ ଇଭିଏମ୍‌ରେ ତ୍ରୁଟି ଯୋଗୁ ମନ୍ତ୍ରୀ ତଥା ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ୪୦ ମିନିଟ୍ ଧରି ଅପେକ୍ଷା କରିବାକୁ ପଡ଼ିଥିଲା । ନୂଆ ରେକୁଲାସ୍ଥିତ ୧୪ନଂ. ବୁଥ୍‌ରେ ଇଭିଏମ ଅଚଳ ଯୋଗୁ ପ୍ରାୟ ୨ଘଣ୍ଟା ୪୦ ମିନିଟ୍ ବିଳମ୍ବରେ ଭୋଟ ଆରମ୍ଭ ହୋଇଥିଲା । କାଦୁଆସ୍ଥିତ ୭ନଂ. ବୁଥରେ ୯୩ଟି ଭୋଟ ପରେ ମେଶିନ ଅଚଳ ହୋଇପଡ଼ିଥିଲା । ଫଳରେ ଘଣ୍ଟାଏ ଧରି ଭୋଟଗ୍ରହଣ ବନ୍ଦ ରହିଥିଲା । କାମାକ୍ଷାନଗର ନିର୍ବାଚନମଣ୍ଡଳୀର ୧୮ବୁଥ୍‌ରେ ଏପରି ସମସ୍ୟା ଦେଖାଦେଇଥିଲା । ପରଜଙ୍ଗ ନିର୍ବାଚନମଣ୍ଡଳୀ କନ୍ତୋର ବୁଥ୍‌ରେ ଇଭିଏମ୍ ବ୍ୟାଟେରି ଡାଉନ ହେବାରୁ ମତଦାନ ଡେରି ହୋଇଥିଲା । ରାସୋଳ ଥାନା ଅଧୀନ ବାଙ୍କଟିଆ ବୁଥ୍‌ରେ ଇଭିଏମ୍ ପ୍ରସ୍ତୁତି ହୋଇ ନ ଥିବାରୁ ଅଧଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା । ପୂର୍ବାହ୍ନ ୧୦ଟା ସୁଦ୍ଧା ସବୁ ଅଚଳ ଇଭିଏମ୍ ସଜଡ଼ାଯାଇଥିଲା ଏବଂ ଏହାପରେ ବୁଥ୍‌ରେ ଭୋଟଗ୍ରହଣ ସ୍ୱାଭାବିକ ହୋଇଥିଲା ।

ଜିଲାରେ ପୂର୍ବାହ୍ନ ୧୦ଟା ଯାଏ ମତଦାନ ହାର ଧୀମା ରହିଥିବାବେଳେ ପୂର୍ବାହ୍ନ ୧୧.୩୦ ସୁଦ୍ଧା ଏହା ପହଞ୍ଚିଥିଲା ୨୨.୦୬% । ଅପରାହ୍ନ ୧ଟା ସୁଦ୍ଧା ଏହା ୩୯.୮୦% ରହିଥିବାବେଳେ ୫ଟା ସୁଦ୍ଧା ୬୮.୦୩% ଏବଂ ରାତି ୭ଟା ସୁଦ୍ଧା ୭୧% ଛୁଇଁଥିଲା । ଶେଷ ସୂଚନା ସୁଦ୍ଧା ଜିଲାର ୯ଲକ୍ଷ ୩୪ ହଜାର ୮୫୭ ଭୋଟରଙ୍କ ମଧ୍ୟରୁ ୬ଲକ୍ଷ ୬୪ ହଜାର ୭୦୫ଜଣ ମତ ସାବ୍ୟସ୍ତ କରିଛନ୍ତି । ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀରେ ୭୨.୫୪%, ହିନ୍ଦୋଳ (ସଂରକ୍ଷିତ)ରେ ୭୦.୩୮%, କାମାକ୍ଷାନଗରରେ ୬୯.୧୭% ଏବଂ ପରଜଙ୍ଗ ବିଧାନସଭା କ୍ଷେତ୍ରରେ ୭୨.୧୮% ମତଦାନ ହୋଇଥିବା ଜିଲା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି ।

ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଭେଟେରାନ କଂଗ୍ରେସ ନେତା ତଥା ଏମ୍‌ପି ପ୍ରାର୍ଥୀ କାମାକ୍ଷାପ୍ରସାଦ ସିଂଦେଓ, ଭାଜପା ଏମ୍‌ପି ପ୍ରାର୍ଥୀ ରୁଦ୍ରନାରାୟଣ ପାଣି, ବିଜେଡି ଏମ୍‌ପି ପ୍ରାର୍ଥୀ ମହେଶ ସାହୁ, ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଡା. ନୃସିଂହ ଚରଣ ସାହୁ, ବିଧାୟିକା ସୀମାରାଣୀ ନାୟକ, ବିଧାୟକ ପ୍ରାର୍ଥୀ ନବୀନ ନନ୍ଦ, ସୁଧୀର ସାମଲ, କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମେତ ୩ ଡଜନରୁ ଅଧିକ ନେତାଙ୍କ ଭାଗ୍ୟ ଲେଖିଛନ୍ତି ଭୋଟର ।

ଗୋଟିଏ ଦୁଇଟି ସ୍ଥାନକୁ ବାଦ୍‌ଦେଲେ ଜିଲାର ଅନ୍ୟ କୌଣସି ସ୍ଥାନରେ ନିର୍ବାଚନୀ ହିଂସା ସାମ୍ନାକୁ ଆସିନାହିଁ । ଆମ୍ବପଳାସ ଗ୍ରାମରେ ଭାଜପା କର୍ମୀଙ୍କ ଆକ୍ରମଣରେ ଜଣେ ବିଜେଡି ସମର୍ଥକ ଗୁରୁତର ହୋଇଛନ୍ତି । ହିନ୍ଦୋଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଓଡ଼ାପଡ଼ା ବ୍ଲକ ସାରିଆପଡ଼ା ଗ୍ରାମର ଏକ ବୁଥରେ ଗଣ୍ଡଗୋଳ ହୋଇଛି । ସେହିପରି କଙ୍କଡ଼ାହାଡ଼ କଣ୍ଟାପାଳ ଥଇଥାନ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪୧ନଂ. ବୁଥ୍‌ରେ ନିୟୋଜିତ ପୋଲିଂ ଅଧିକାରୀ ନବକିଶୋର ନାୟକ ହୃଦ୍‌ଘାତରେ ପ୍ରାଣ ହରାଇବା ଭଳି ଦୁଃଖଦ ଘଟଣା ଘଟିଛି । କାମାକ୍ଷାନଗର ଉପଖଣ୍ଡରେ ପ୍ରବଳ ବର୍ଷାକୁ ନଜରରେ ରଖି ଓଡ୍ରାଫ୍ ଟିମ୍, ଅଗ୍ନିଶମ କର୍ମଚାରୀଙ୍କୁ ସତର୍କ କରାଯାଇଛି । ପୋଲିଂ ଅଫିସର ଯେପରି ସୁରକ୍ଷିତ ଭାବେ ଆସିପାରିବେ ସେ ନେଇ ପଦକ୍ଷେପ ନିଆଯାଉଛି । ପୋଲିଂ କର୍ମଚାରୀ ନବକିଶୋର ନାୟକଙ୍କ ମୃତ୍ୟୁ ଦୁଃଖଦ ଘଟଣା । ଏପରି ସମୟରେ ପ୍ରଶାସନ ତାଙ୍କ ପରିବାର ସହ ଅଛି । ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲାପାଳ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ।

## ନେତାଙ୍କ ମୁହଁରୁ ...

### ଭବିଷ୍ୟତ ଚିନ୍ତାକରି ଯୁବଗୋଷ୍ଠୀ ନିଷ୍ପତ୍ତି ନେବେ

ଚଳିତ ନିର୍ବାଚନ ଯୁବ ଭୋଟରଙ୍କ ପାଇଁ ଗୁରୁତ୍ୱବହନ କରୁଛି । ୧୦ କୋଟି ଯୁବ ଭୋଟର ନିଜର ଭବିଷ୍ୟତ ଚିନ୍ତା କରି ନିଷ୍ପତ୍ତି ନେବେ । ୫ବର୍ଷ ପାଇଁ କେଉଁ ଭଳି ସରକାର ଗଠନ ହେବ ତାହା ଏଠାରୁ ହିଁ ନିଷ୍ପତ୍ତି ହେବ । ସମସ୍ତେ ଜାଣିଛନ୍ତି କେଉଁ ସରକାର ସମୟରେ କିଭଳି ଉନ୍ନୟନମୂଳକ କାର୍ଯ୍ୟ ହୋଇଛି । ଭୋଟଦାନ ସରିଛି । ଲୋକମାନେ ନେତାଙ୍କ ଭାଗ୍ୟ ଲେଖିଛନ୍ତି । ମତଗଣନାରୁ କିଏ କିଏ ଜିତିବ କିଏ ନାହିଁ ତାହା ସ୍ପଷ୍ଟ ହେବ ।

**-କାମାକ୍ଷା ପ୍ରସାଦ ସିଂଦେଓ (କେପି), କଂଗ୍ରେସ ଲୋକ ସଭା ପ୍ରାର୍ଥୀ**

### ଭୋଟର ଉତ୍ସାହିତ

-କେବଳ ଢେଙ୍କାନାଳ ନୁହେଁ, ସାରା ଦେଶରେ ନିର୍ବାଚନକୁ ନେଇ ଜନସାଧାରଣ ବେଶ୍ ଉତ୍ସାହିତ ଅଛନ୍ତି । ବିଶେଷକରି ନୂଆ ଶତାବ୍ଦୀର ଭୋଟରମାନେ ଏହାକୁ ନେଇ ବେଶ୍ ଖୁସି ଜଣାପଡୁଛନ୍ତି । ଚଳିତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ସୁଦ୍ଧା ଭୋଟଦାନ ନିରପକ୍ଷେ ରହିଛି । ରାଜ୍ୟର ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ ମଧ ଏହି ଧାରା ଜାରି ରହିବ ବୋଲି ଆଶା ଅଛି ।

**-ରୁଦ୍ରନାରାୟଣ ପାଣି, ଭାଜପା ଲୋକ ସଭା ପ୍ରାର୍ଥୀ**

ମଳକଣ୍ଟକ
ରେ ପୀଡ଼ା, ଜ୍ୱାଳା, ରକ୍ତକ୍ଷରଣ, କୁଣ୍ଡିଆ, ଏନାଲ ଫିଶର୍ସ କିମ୍ବା ଭଗନ୍ଦର ହୋଇପାରେ ।
ଶିରାର ଫୁଲାକୁ କମ୍ କରିବା, ରକ୍ତକ୍ଷରଣକୁ ବନ୍ଦ କରିବା, ପାଚନକ୍ରିୟାକୁ ସୁଧାରିବା, ଲିଭର୍‌କୁ ସ୍ୱାଭାବିକ ରଖିବା ଏବଂ ପେଟ ସଫା କରିବାରେ ଫଳପ୍ରଦ ।
ଅସ୍ତ୍ରୋପଚାରରୁ ବର୍ତ୍ତନ୍ତୁ, ଆପଣାନ୍ତୁ ଉପଯୁକ୍ତ ଓ ଆୟୁର୍ବେଦିକ ଚିକିତ୍ସା
JOLLY
ବାସିର
ଜେଲ୍ ଓ କ୍ୟାପସୁଲ୍
ପ୍ରତ୍ୟେକ ମେଡିକାଲ୍ ଷ୍ଟୋର୍‌ରେ ଉପଲବ୍ଧ । 0161-520-1588

ବୈବାହିକ ସୁଖ ଓ ସୁଖଦ କ୍ଷଣଗୁଡ଼ିକର ଆନନ୍ଦ ନିଅନ୍ତୁ
ଜୋଶ୍, ଶକ୍ତି ଓ ସ୍ଫୂର୍ତ୍ତି ସହିତ
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ ଥରେ ନିଶ୍ଚୟ ଆପଣାନ୍ତୁ
ପ୍ଲେ-ୱିନ୍ କ୍ୟାପ୍‌ସୁଲ
୧ କ୍ୟାପ୍‌ସୁଲ୍ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ ବ୍ୟବହାର କରନ୍ତୁ ।
ଏକ୍ସଟ୍ରା ଟାଇମିଂ ପାଇଁ
TRADE ENQUIRY : 08657520093
ନୂଆ ବିଶ୍ୱାସ ଭରପୂର ଶକ୍ତି ଏବଂ ମଜାଦାର ବୈବାହିକ ଜୀବନ ପାଇଁ ଇନ୍ଦ୍ରିୟ ଖରାପ ହେବା, ଶୀଘ୍ରପତନ ଦୂର କରିବା, ମନ ଚାହୁଁଥିବା ସମୟ ପ୍ରାପ୍ତ କରିବା, ଉଦ୍ଦୀପନାକୁ ପୁନଃ ଜାଗ୍ରତ କରାଇବା, ଅନ୍ୟାନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାବେଳେ ସେବନ କରନ୍ତୁ । ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ କରନ୍ତୁ ଏବଂ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ ।
www.playwincapsule.com
only Effect No Side Effect
Play Win Capsule
Play Win Oil
A Quality Product by Rajnish Wellness Limited A BSE Listed Company
ମୋତେ ଡାଇବେଟିସ୍ ଅଛି, ମୁଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ବ୍ୟବହାର କରିପାରିବି - ପ୍ଲେ ୱିନ୍ କ୍ୟାପ୍‌ସୁଲ ୧୦୦% ଆୟୁର୍ବେଦିକ ଦୁର୍ଲଭ ଚେରମୂଳୀରୁ ପ୍ରସ୍ତୁତ, ଏଥିପାଇଁ ଏହାକୁ କେହି ବି ବ୍ୟବହାର କରିପାରିବେ । ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ ।
ତେଲ କ୍ୟାପ୍‌ସୁଲ୍
SS : Mahendra Pharma / ODD
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
ଜୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ

## କିଏ କେଉଁଠି ଦେଲେ ଭୋଟ

ଢେଙ୍କାନାଳ ଅଫିସ, ୨୩।୪

ତୃତୀୟ ପର୍ଯ୍ୟାୟ ନିର୍ବାଚନକୁ ନେଇ ଢେଙ୍କାନାଳ ଜିଲାବାସୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଥିବାବେଳେ ମତଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି ହେଭିୱେଟ ନେତା । ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀ ଏବଂ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କୁଞ୍ଜକାନ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୭୧ନଂ. ବୁଥ୍‌ରେ ପୂର୍ବାହ୍ନ ୯ଟାରେ ଭୋଟ ଦେଇଥିଲେ । ଲୋକ ସଭା ପ୍ରାର୍ଥୀ ତଥା ବରିଷ୍ଠ କଂଗ୍ରେସ ନେତା କାମାକ୍ଷାପ୍ରସାଦ ସିଂଦେଓ ସପରିବାର ଦେଉଳସାହିସ୍ଥିତ ଜୁବିଲି ଟାଉନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୭୭ନଂ. ବୁଥ୍‌ରେ ମତଦାନ କରିଛନ୍ତି । ସେହିପରି ଭାଜପା ଲୋକ ସଭା ପ୍ରାର୍ଥୀ ରୁଦ୍ରନାରାୟଣ ପାଣି ୧୮୦ନଂ. ବୁଥ୍‌ରେ, ଭାଜପା ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର ସିମିଳିଆସ୍ଥିତ ୧୯ନଂ. ବୁଥ୍‌ରେ ଏବଂ ବିଜେଡି ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲ ମିନାବଜାର ୟୁପି ସ୍କୁଲର ୧୮୬ନଂ. ବୁଥ୍‌ରେ ମତଦାନ କରିଛନ୍ତି । ନିର୍ବାଚନକୁ ନେଇ ଯୁବ ଭୋଟରଙ୍କ ମଧ୍ୟରେ ବ୍ୟାପକ ଉତ୍ସାହ ପରିଲକ୍ଷିତ ହୋଇଥିଲା । ଦିବ୍ୟାଙ୍ଗ ଏବଂ ବୟସ୍କ ବ୍ୟକ୍ତିମାନଙ୍କୁ ମତଦାନ କେନ୍ଦ୍ରରେ ସୁବିଧାରେ ଭୋଟଦେବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

## ପିଙ୍କ୍ ବୁଥ୍‌ରେ ଉତ୍ସାହ

ଢେଙ୍କାନାଳ ଅଫିସ/କାମାକ୍ଷାନଗର, (ଡି.ଏନ୍.ଏ.) ୨୩।୪

ସବୁ କ୍ଷେତ୍ରରେ ପୁରୁଷଙ୍କୁ ପଛରେ ଛାଡ଼ିଦେଲେଣି ମହିଳା । ସଶକ୍ତ ନାରୀ ଏବେ ଦେଶ ପ୍ରଗତିର ସାରଥି । ଗଣତନ୍ତ୍ରର ମହାନ୍ ପର୍ବରେ ପ୍ରଥମ ଥର ପରିକଳ୍ପନା କରାଯାଇଥିବା ପିଙ୍କ୍ ବୁଥ୍‌ରେ ଦେଖିବାକୁ ମିଳିଛି ଏହାର ଝଲକ । ଏଠାରେ ପୋଲିଂ କର୍ମଚାରୀଙ୍କଠାରୁ ଆରମ୍ଭ କରି ପ୍ରଜାଇଡିଂ ଅଫିସର ଯାଏ ସମସ୍ତ ଅଧିକାରୀ ହେଉଛନ୍ତି ମହିଳା । ଏକଦା ଘରର ଚାରିକାନ୍ଥ ମଧ୍ୟରେ ନିଜକୁ ସୀମାବଦ୍ଧ କରି ରଖିଥିବା ମହିଳାଙ୍କ ନିକଟରେ ନିର୍ବାଚନ ଭଳି ଗୁରୁଦାୟିତ୍ୱକୁ ମଧ୍ୟ ଠିକ୍ ଭାବେ ତୁଲାଇପାରିବା କ୍ଷମତା ରହିଛି, ଖାସ୍ ଏହି ବାର୍ତ୍ତା ସମାଜରେ ପ୍ରଚାର କରିବା ପିଙ୍କ୍ ବୁଥ୍‌ର ଉଦ୍ଦେଶ୍ୟ ।

ଢେଙ୍କାନାଳ ମ୍ୟୁନିସିପାଲିଟି ସମେତ ହିନ୍ଦୋଳ, କାମାକ୍ଷାନଗର ଏବଂ ଭୁବନ ଏନ୍‌ଏସିରେ ୪ଟି ପିଙ୍କ୍ ବୁଥ କରାଯାଇଥିଲା । ଏଠାରେ ଭୋଟରଙ୍କୁ ଥଣ୍ଡା ପିଇବା ପାଣି ସାଙ୍ଗକୁ ଦହି ସରବତ ବଣ୍ଟାଯିବା ବ୍ୟବସ୍ଥା ହୋଇଥିଲା । ଭୋଟରଙ୍କ ପାଇଁ ଚେୟାର ପଡ଼ିଥିଲା । ବୟସ୍କ ଭୋଟର ଏବଂ ମହିଳାଙ୍କୁ ସହାୟତା କରିବାକୁ ସ୍ୱତନ୍ତ୍ର କର୍ମଚାରୀ ନିୟୋଜିତ ହୋଇଥିଲେ । ପ୍ରଥମ ଥର ମତଦାନ କରୁଥିବା ଯୁବ ଭୋଟର ମତଦାନ ସାବ୍ୟସ୍ତ କରିବା ସହ ଏପରି ବ୍ୟବସ୍ଥାର ଭରପୂର ମଜା ଉଠାଇଥିଲେ ।

କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ସାରଙ୍ଗଧର ହାଇସ୍କୁଲ ପରିସରରେ ୧୮ନଂ. ମତଦାନ କେନ୍ଦ୍ରକୁ ପିଙ୍କ୍ ବୁଥ୍ କରାଯାଇଥିଲା । ଏଠାରେ ମତଦାନରେ ୬ଜଣ ମହିଳା କର୍ମଚାରୀ ନିୟୋଜିତ ହୋଇଥିଲେ ।

### ଅନୁଭୂତି ନିଆରା



"ଏହା ପୂର୍ବରୁ ମୁଁ ଥରେ ଭୋଟ ଦେଇଛି । ହେଲେ ଚଳିତ ଥର ପିଙ୍କ୍ ବୁଥ୍‌ରେ ଭୋଟ ଦେବାର ଅନୁଭୂତି ନିଆରା । ବୁଥ୍ ଭିତରେ ମହିଳା କର୍ମଚାରୀ ଥିବାରୁ ଭୋଟ ବିଷୟରେ ଆଲୋଚନା କରିବା ସହଜ ହୋଇଛି ।

**-ସ୍ୱର୍ଣ୍ଣପ୍ରଭା ନନ୍ଦ, କାମାକ୍ଷାନଗର**

### ଉପଯୁକ୍ତ ପ୍ରାର୍ଥୀଙ୍କୁ ପ୍ରଥମ ଭୋଟ



"ପ୍ରଥମ ଥର ଭୋଟ ଦେଇଥିବାରୁ ବେଶ୍ ଉତ୍ସାହିତ ଅଛି । ବୁଥ୍‌କୁ ଯିବା ପୂର୍ବରୁ ଭୋଟ ଦେବାକୁ ନେଇ ସାମାନ୍ୟ ଭୟ ଥିଲା । ହେଲେ ମହିଳା କର୍ମଚାରୀମାନେ ମତଦାନ ବିଷୟରେ ଟିକିନିଖି ବୁଝାଇଦେଲେ । ଉପଯୁକ୍ତ ବ୍ୟକ୍ତିତ୍ୱ ଦେଖି ଜୀବନର ପ୍ରଥମ ଭୋଟ ଦେଇଛି ।

**-ଶ୍ୱେତପଦ୍ମା ନନ୍ଦ, କାମାକ୍ଷାନଗର**

### ମତଦାନ ଖୁସି ଅବର୍ଣ୍ଣନୀୟ



"ଢେଙ୍କାନାଳ ପୌରାଞ୍ଚଳ କୁଞ୍ଜକାନ୍ତ ଅଞ୍ଚଳରେ ୧୭୨ନଂ. ବୁଥ୍‌ରେ ପ୍ରଥମ ଥର ଭୋଟ ଦେଇଛି । ଇଭିଏମ୍‌ରେ ମତଦାନର ଖୁସି ଓ ଅନୁଭୂତି ଅବର୍ଣ୍ଣନୀୟ । ଭଲ ପ୍ରାର୍ଥୀ ଏବଂ ଦଳ ଚୟନ କରି ଭୋଟ ଦେଇଛି । ଭବିଷ୍ୟତରେ ଉକ୍ତ ସରକାର ଦେଶ ପାଇଁ କାମ କରିବେ ବୋଲି ଆଶା ଅଛି ।

**-ଅନନ୍ୟ ଅଭିଳାଷ, ଢେଙ୍କାନାଳ**

### ପିଙ୍କ୍ ବୁଥରେ ଭୋଟଦେବାର ଅନୁଭୂତି ନିଆରା



"ପିଙ୍କ୍ ବୁଥରେ ପ୍ରଥମ ଥର ଭୋଟ ଦେବାର ଅନୁଭୂତି ନିଆରା । ଦେଶରେ ଯୁବତୀଯୁବକଙ୍କୁ ନେଇ ବହୁ ସମସ୍ୟା ରହିଛି । ଏହି ସମସ୍ୟାର ସମାଧାନ କରିପାରିବା ଭଳି ଦକ୍ଷତା ରଖୁଥିବା ଦଳକୁ ଭୋଟ ଦେଇଛି ।

**-ମଧୁସ୍ମିତା ସାହୁ, ଢେଙ୍କାନାଳ**

## କାହାଠୁ ଟିକେଟ ନେଇ ଲଢ଼ିବାକୁ ଚାହୁଁନି: ତଥାଗତ

ଢେଙ୍କାନାଳ ଅଫିସ, ୨୩।୪

ସାଧାରଣ ନିର୍ବାଚନ-୨୦୧୯ରୁ ନିଜକୁ ଦୂରେଇ ରଖିଥିବା ବରିଷ୍ଠ ବିଜେଡି ନେତା ତଥା ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀ ମଙ୍ଗଳବାର କୁଞ୍ଜକାନ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମତଦାନ କେନ୍ଦ୍ରକୁ ଭୋଟ ଦେବାକୁ ଆସିଥିଲେ । ଏହି ଅବସରରେ ସେ ଗଣମାଧ୍ୟମ ପ୍ରତିନିଧି ପଚାରିଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ । ସେ କହିଲେ, ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ହେଲେ ସମସ୍ତେ ଭୋଟଦେବା ଜରୁରୀ । ଯେତେ ଅଧିକ ସଂଖ୍ୟାରେ ଭୋଟ ପଡ଼ିବ ସେତିକି ଲୋକଙ୍କ ମତ ଆଗକୁ ଆସିଲା ବୋଲି ବୁଝାପଡ଼ିବ । ଭୋଟ ନ ଦେବା ଗଣତନ୍ତ୍ର ବିରୋଧୀ । ସେ ଗଣତନ୍ତ୍ରର ଜଣେ ଦୃଢ଼ ସମର୍ଥକ ଭାବେ ସବୁବେଳେ ଭୋଟ ଦେଇ ଆସୁଛନ୍ତି । ବଞ୍ଚିଥିବା ଯାଏ ଭୋଟ ଦେବେ । ଚଳିତ ନିର୍ବାଚନରେ ଭୋଟରମାନେ କେତେକ ସ୍ଥାନରେ ପ୍ରାର୍ଥୀ, କେତେକ ସ୍ଥାନରେ ଦଳ ଏବଂ ଆଉ କେତେକ ସ୍ଥାନରେ ସର୍ବୋଚ୍ଚ ନେତାଙ୍କୁ ଦେଖି ବାଛିବେ । ଲୋକଙ୍କ ପାଖରେ ଅନେକ ସମସ୍ୟା ଅଛି । ଜନସାଧାରଣ କୌଣସି ଦଳ କିମ୍ବା କୌଣସି ପ୍ରାର୍ଥୀ ସହ ସନ୍ତୁଷ୍ଟ ନୁହନ୍ତି । ତଥାପି ଭୋଟ ନିଶ୍ଚିତ ଭାବେ ଦେବା ଦରକାର ବୋଲି ସେ ମତ ରଖିଥିଲେ ।

ଏହି ଅବସରରେ ତଥାଗତ ଆହୁରି ମଧ୍ୟ କହିଲେ, ସେ ରାଜନୀତିରୁ ଦୂରେଇ ଯାଇନାହାନ୍ତି । ତଥାକଥିତ ଇଲେକ୍ଟୋରାଲ ପଲିଟିକ୍ସରୁ ଦୂରେଇ ଯାଇଛନ୍ତି । ଲୋକଙ୍କ ସେବା ପାଇଁ ରାଜନୀତି ଏକମାତ୍ର ମାଧ୍ୟମ ନୁହେଁ । ଢେଙ୍କାନାଳ, ଅନୁଗୋଳ ସମେତ ଓଡ଼ିଶାବାସୀଙ୍କ ସେବା କରିବା ପାଇଁ ତାଙ୍କୁ ଏକ ୱାଇଡର ସ୍କୋପ୍ ଦରକାର ଥିଲା । ତାହା ସେ ନେଇଛନ୍ତି । ଭବିଷ୍ୟତରେ ଆଉ କାହାଠାରୁ ଟିକେଟ ନେଇ ନିର୍ବାଚନ ଲଢ଼ିବେନି । ସେଭଳି ପରିସ୍ଥିତି ପ୍ରଭୁ ଜଗନ୍ନାଥ ନ ଦିଅନ୍ତୁ ବୋଲି ଏମ୍‌ପି ସତପଥୀ କହିଛନ୍ତି ।

ସର୍ବୋତ୍ତମ ମୂଲ୍ୟର ଗ୍ୟାରେଣ୍ଟି ଏବଂ ସର୍ବୋତ୍ତମ ସେବାର ଗ୍ୟାରେଣ୍ଟି
HITACHI
କଷ୍ଟ ଟୁ କଷ୍ଟ ଅଫର୍
କମ୍ପ୍ରେସର୍ ଉପରେ ୧୦ ବର୍ଷର ୱାରେଣ୍ଟି
ମାଗଣା ଇନ୍‌ଷ୍ଟଲେଶନ୍
୦% ଫାଇନାନ୍ସ
କେବଳ ୭ ଦିନ ପାଇଁ
*ସର୍ତ୍ତାବଳୀ ଲାଗୁ
ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାର ଏକମାତ୍ର ଅଧିକୃତ ବିକ୍ରୟ ଓ ସର୍ଭିସ୍ ଡିଲର୍
ACE BUSINESS ASSOCIATES
Panda Market Complex, Hanuman Bazar, Angul, Mob- 9861133277

## ସଂକ୍ଷେପରେ

### ପରଜଙ୍ଗ ଅଞ୍ଚଳରେ ନରହନ୍ତା ଦନ୍ତା

ପରଜଙ୍ଗ, ୨୩।୪(ଡି.ଏନ୍.ଏ.)- ତାଳଚେର ଅଞ୍ଚଳରେ ୫ଜଣଙ୍କ ଜୀବନ ନେଇଥିବା ନରହନ୍ତା ଦନ୍ତା ହାତୀ ମଙ୍ଗଳବାର ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ ନିଜର ଉପସ୍ଥିତି ଜାହିର କରିଛି। ହାତୀର ଗତିବିଧିରୁ ଅସୁସ୍ଥ ଥିବା ଅନୁମାନ କରାଯାଉଛି। ହାତୀକୁ ଦେଖିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟ ଆତଙ୍କର ବାତାବରଣ ଖେଳିଯାଇଛି। ସୂଚନାଯୋଗ୍ୟ, ଉକ୍ତ ହାତୀ ୫ଜଣଙ୍କୁ ଦଳି ମାରିଦେବା ପରେ ବନ ବିଭାଗ ପକ୍ଷରୁ ଟ୍ରାଙ୍କୁଲାଇଜ୍ କରାଯାଇ ଦାନ୍ତ କଟାଯାଇଥିଲା। ଏହାପରେ ହାତୀ ଅସୁସ୍ଥ ହୋଇପଡ଼ିଛି। ତୁରନ୍ତ ହାତୀକୁ ଅନ୍ୟତ୍ର ଘଉଡ଼ାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଗଛରେ ଝୁଲନ୍ତା ମୃତଦେହ

ପରଜଙ୍ଗ, ୨୩।୪(ଡି.ଏନ୍.ଏ.)-ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଅଧୀନ କୁଟୁରିଆ ପଞ୍ଚାୟତ ପଦାପାଟିଆ ଗ୍ରାମ ଜଙ୍ଗଲ ଆମ୍ବଖୋଲ ଝରଣା ନିକଟରେ ଏକ ମୃତଦେହ ଝୁଲୁଥିବା ଗ୍ରାମବାସୀ କହିଛନ୍ତି। ମୃତକ କଲେଜ ଡ୍ରେସ୍ ପିନ୍ଧିଛନ୍ତି। ହେଲେ ଏ ନେଇ ପୋଲିସ ନିକଟରେ କୌଣସି ସୂଚନା ନ ଥିବା ଫାଣ୍ଡି ଅଧିକାରୀ ବିନୟ ସାହୁ କହିଛନ୍ତି। ବୁଧବାର ଘଟଣା ସ୍ଥଳକୁ ଯାଇ ତଦନ୍ତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ଗଛରେ ପିଟି ହୋଇ ବାଇକ୍ ଚାଳକ ମୃତ, ୨ ଗୁରୁତର

**ରାଇରଙ୍ଗପୁର, ୨୩।୪(ଡି.ଏନ.ଏ.):** ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଦାମୁଡିଗୋଡା ଗ୍ରାମ ନିକଟସ୍ଥ ବଡାମତଳିଆ- ବିଜାତଲା ରାସ୍ତାରେ ମଙ୍ଗଳବାର ଅପରାହ୍ନରେ ଏକ ଗଛରେ ପିଟି ହୋଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ଅନ୍ୟଦୁଇ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଯୁଡିଆ ଗ୍ରାମର ମାଟୁ ମାଝୀ(୧୭) ଓ ଆହତ ଦ୍ୱୟ ହେଲେ ସୁରେଶ ମୁଣ୍ଡା(୧୮) ଏବଂ ସଞ୍ଜୀବ ଗିରି(୧୮) । ଆହତଙ୍କୁ ପ୍ରଥମେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୁରେଶଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦା ସ୍ଥିତ ପି.ଆର.ଏମ ମେଡିକାଲକୁ ଚିକିତ୍ସା ଲାଗି ସ୍ଥାନାନ୍ତର କରାଯାଇଛି।

### ଶାଳକାଠ ବୋଝେଇ ଭ୍ୟାନ ଜବତ

ବଡ଼ସାହି, ୨୩।୪(ସ୍ୱ.ପ୍ର)
ବଡସାହି ବ୍ଲକ ଅଧୀନ ବାଘମରା ଅଞ୍ଚଳରୁ ଏକ ଶାଳକାଠ ବୋଝେଇ ପିକ୍ଅପ୍ ଭ୍ୟାନ ସମେତ ଗୋଟିଏ ପଲସ୍ର ବାଇକକୁ ସୋମବାର ରାତିରେ ବେତନଟୀ ରେଞ୍ଜ ବନବିଭାଗ ଜବତ କରିଛି । ଚୋରାକାଠ ଚାଲାଣନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଅନ୍ଧାରର ସୁଯୋଗ ନେଇ କାଠ ଚୋରମାନେ ଫେରାର ହୋଇଯାଇଥିଲେ। ଭ୍ୟାନ୍‌ରେ ୯ଖଣ୍ଡ ଶାଳଗଣ୍ଡି ବୋଝେଇ ହୋଇଥିବା ବେଳେ ମୋଟ ୩୦.୫୪ ସିଫ୍ଟ କାଠ ରହିଛି , ଯାହାର ବଜାର ମୂଲ୍ୟ ୫୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ । ପଲସର ବାଇକଟି ଜୀବନ ବିଶ୍ୱାଳ ନାମରେ ପଞ୍ଜୀକୃତ ଥିବାବେଳେ ଭ୍ୟାନରେ ଭୁଲନମ୍ବର ଲଗାଯାଇ ଚୋରାକାଠ ଚାଲାଣ ପାଇଁ ବ୍ୟବହାର କରାଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

### ଓଡିଆ ବିଭାଗ ମୁଖ୍ୟ ଅଧାପକ ଟଙ୍କଧରଙ୍କ ପରଲୋକ

**ବେତନଟୀ ୨୩।୪ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ମହାବିଦ୍ୟାଳୟର ଓଡିଆ ବିଭାଗର ମୁଖ୍ୟ ଅଧାପକ ଟଙ୍କଧର ରାଉତ୍‌ଙ୍କର ମଙ୍ଗଳବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ମୃତ୍ୟୁ ଘଟିଛି। ତାଙ୍କୁ ୫୮ ବର୍ଷ ହୋଇଥିଲା।ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧିନ ଥିଲେ। ସୋମବାର ତାଙ୍କୁ ପ୍ରଥମେ ବେତନଟୀ ଡାକ୍ତରଖାନା ପରେ ବାରିପଦା ପି.ଆର୍.ଏମ୍. ମେଡିକାଲ୍ କଲେଜ ଓ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ମରଶରୀରକୁ ସଠିଲୋସ୍ଥ ବାସ ଭବନକୁ ଅଣାଯିବା ପରେ ବେତନଟୀ ମହାବିଦ୍ୟାଳୟକୁ ଆଣି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିଲାଗି ଏକ ଶୋକସଭା ଆୟୋଜନ କରାଯାଇ ମହାବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଥିଲା।

# ମତଦାତାଙ୍କୁ ଟାଣିଲା ମଡେଲ ବୁଥ୍



**କାମାକ୍ଷାନଗର, ୨୩।୪(ଡି.ଏନ୍.ଏ.)**

ସାରା ରାଜ୍ୟରେ ଇଲେକ୍ଟ୍ରୋନିକ ଭୋଟିଂ ମେଶିନ (ଇଭିଏମ୍), ଭିଭିପିଏଟିରେ ଯାନ୍ତ୍ରିକ ତ୍ରୁଟି ମତଦାତାଙ୍କ ମନରେ ଅସନ୍ତୋଷକୁ ଦ୍ୱିଗୁଣିତ କରିଥିବାବେଳେ ଆଦର୍ଶ ବୁଥରେ କିନ୍ତୁ ଦେଖିବାକୁ ମିଳିଥିଲା ଭିନ୍ନ ମାହୋଲ। କାମାକ୍ଷାନଗର ଏନ୍ଏସିରେ ହୋଇଥିବା ଆଦର୍ଶ ବୁଥ୍‌ରେ ଏମିତି କିଛି ବ୍ୟବସ୍ଥା କରାଯାଇଥିଲା, ଯାହା ଭୋଟରଙ୍କ ଭିତରେ ଭରିଥିଲା ବିପୁଳ ଉତ୍ସାହ।

ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରଥମ ଥର ପାଇଁ କରାଯାଇଥିବା ମଡେଲ ବୁଥ୍ ଅନ୍ୟ ସାଧାରଣ ବୁଥ୍‌ଠାରୁ ସହଜରେ ବାରି ହୋଇ ପଡୁଥିଲା। ଏଠାରେ ମତଦାତାଙ୍କୁ ସ୍ୱାଗତ କରିବାକୁ ବିଛାଯାଇଥିଲା କାର୍ପେଟ। ଅସହ୍ୟ ଖରାରୁ ରକ୍ଷା ପାଇଁ ବନ୍ଧା ଯାଇଥିଲା ଟେଣ୍ଟ। ଲଗାଯାଇଥିଲା ଫ୍ୟାନ୍। ବଣ୍ଟାଯାଉଥିଲା ସର୍ବତ। ଏଠାରେ ପୁରା କୁଲ ମୁଡ୍‌ରେ ଭୋଟରମାନେ ସେମାନଙ୍କ ଜନପ୍ରତିନିଧିଙ୍କୁ ବାଛିବାର ସୁଯୋଗ ପାଇଥିଲେ। ଆଦର୍ଶ ବୁଥ୍‌ର ସାଜସଜ୍ଜା ମଧ୍ୟ ନିଆରା ଥିଲା। ଏହାକୁ ଦେଖିଲେ ଗଣତନ୍ତ୍ରର ମହାପର୍ବର ମହତ୍ତ୍ୱ ଅନୁଭବ କରିହେଉଥିଲା। ଏପରି ଅଭ୍ୟର୍ଥନା ପାଇଥିବା ଭୋଟରମାନେ ମତଦାନ କେନ୍ଦ୍ରରୁ ବାହୁଡ଼ିବାବେଳକୁ ଆପେଆପେ ସେମାନଙ୍କ ମୁହଁରେ ଉକୁଟି ଉଠୁଥିଲା ହସ। ଖାସ୍ ଏମିତି ବ୍ୟବସ୍ଥା ସବୁ ମତଦାନ କେନ୍ଦ୍ରରେ କରାଯାଇଥିଲେ ମତଦାନ ହାର ଆହୁରି ବଢ଼ିଥାନ୍ତା ବୋଲି ଅନେକେ ମତ ଦେଇଛନ୍ତି।

**ଏଭଳି ବ୍ୟବସ୍ଥା ସବୁଠି ହେଉ**



କାମାକ୍ଷାନଗର ଏନ୍ଏସି ଅନ୍ତର୍ଗତ ମହୁଲପାଳ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୨ନଂ. ବୁଥ୍‌ଟି ଆଦର୍ଶ ବୁଥ୍ କରାଯାଇଛି। ଏଥର ନିର୍ବାଚନରେ ବୁଥ୍‌କୁ ଭିନ୍ନ ଧରଣ ସାଜସଜ୍ଜା କରାଯାଇଛି। ବୁଥ୍ ସମ୍ମୁଖରେ ତୋରଣ କରାଯାଇଛି। ଥଣ୍ଡା ପାନୀୟ ସାଙ୍ଗକୁ ଗ୍ରୀଷ୍ମପ୍ରବାହରୁ ରକ୍ଷା ଲାଗି ତମ୍ବୁ ବ୍ୟବସ୍ଥା କରାଯାଇଛି। ସବୁ ବୁଥ୍‌ରେ ଏଭଳି ବ୍ୟବସ୍ଥା ହେଉ।

-ଅନସୂୟା ଦାସ, ମତଦାତା

**ଭୋଟରଙ୍କ ଭିତରେ ଉତ୍ସାହ ଭରିଛି**



ସାରଙ୍ଗଧର ହାଇସ୍କୁଲ ପରିସରରେ ୧୭ନଂ. ବୁଥ୍‌କୁ ମଡେଲ ବୁଥ୍ କରାଯାଇଛି। ମୁଁ ଆଗରୁ ଏଠାରେ ଭୋଟ ଦେଇଛି। କିନ୍ତୁ ଚଳିତ ନିର୍ବାଚନରେ ଏହାର ସାଜସଜ୍ଜା ଭୋଟରଙ୍କୁ ଆକୃଷ୍ଟ କଲାଭଳି ହୋଇଛି। ସ୍ୱଚ୍ଛ, ଅବାଧ ମତଦାନ ସମ୍ପର୍କିତ ସଚେତନତା ବାର୍ତ୍ତା ଲେଖାଥିବା ବ୍ୟାନର ଲଗାଯାଇଛି। ସେଲ୍‌ଫି ନେବାକୁ ସୁନ୍ଦର ମଣ୍ଡପ କରାଯାଇଛି। ଏହା ଭୋଟରଙ୍କ ଭିତରେ ଉତ୍ସାହ ଭରିଛି।

-ତୃପ୍ତିମୟୀ ସାହୁ, ମତଦାତା




ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ଅଗ୍ନି ନିର୍ବାପନ ସେବା ସପ୍ତାହ ଉଦ୍‌ଯାପିତ

**କଣିହାଁ, ୨୩।୪(ଡି.ଏନ.ଏ.)**

କଣିହାଁ ବ୍ଲକ ଏନ୍‌ଟିପିସି ପ୍ରକଳ୍ପ ସିଆଇଏସଫ ଆନୁକୁଲ୍ୟରେ ଚାଲିଥିବା ଅଗ୍ନି ନିର୍ବାପନ ସେବା ସପ୍ତାହ ଶନିବାର ଉଦ୍‌ଯାପିତ ହୋଇଛି। ଅଗ୍ନିକାଣ୍ଡରୁ ଜନଜୀବନ କିପରି ରକ୍ଷା କରାଯାଇ ପାରିବ ସେ ନେଇ ବିଭିନ୍ନ କୌଶଳ ଉପରେ ମକଡ୍ରିଲ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ପ୍ରକଳ୍ପର ମହାପ୍ରବନ୍ଧକ ଏନ.ଏସ ରାଓ, ବି. ମହାରଣା, ନବୀନ ବଗାଇ, କରୁଣାକର ଦାସଙ୍କ ସହିତ ଅନ୍ୟାନ ଅଧିକାରୀ ଅଶଂଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସିଆଇଏସ୍ଏଫ ଡେପୁଟି କମାଣ୍ଡାଣ୍ଟ ଗୋକୁଳ କୁମାର କୋହଲି, ଅଗ୍ନିଶମ ବିଭାଗ ଅଧିକାରୀ ପ୍ରଦୀପ ଦୀକ୍ଷିତ, ଇନ୍ସପେକ୍ଟରର ରାହୁଲ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଡି.ପି ଶର୍ମା, ଡିଏଭି ଓ ସରସ୍ୱତୀ ବିଦ୍ୟାମନ୍ଦିର ଅଧକ୍ଷ ଏଲ.କେ ଦେବତା, ସୁଶାନ୍ତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ।

■୧୭ତମ ଲୋକ ମହୋତ୍ସବର ପଞ୍ଚମ ସନ୍ଧ୍ୟା

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ମୁଗ୍ଧ



ମହୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ତାଳଚେର, ୨୩।୪(ନି.ପ୍ର.)**

ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠରେ ଚାଲିଥିବା ୧୭ତମ ଲୋକ ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଏମ୍‌ସିଏଲ୍ ସେଣ୍ଟ୍ରାଲ୍ ୱାର୍କଶପ୍‌ର ଚିଫ୍ ମ୍ୟାନେଜର ଅଚିନ୍ଦ୍ର ଲାଲ ସିଂହ, ସମ୍ମାନିତ ଅତିଥି ଭାବେ ଏପିଏମ୍ ରାମକୃଷ୍ଣ ପୃଷ୍ଟି ଓ ତାଳଚେର ବ୍ଲକ ଯୋଗାଣ ଅଧିକାରୀ ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଟ୍ରଷ୍ଟ ବୋର୍ଡର ବରିଷ୍ଠ ସଦସ୍ୟ ଜଗନ୍ ମୋହନ ଗଡନାୟକ, ମୁରଲୀଧର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ନୃତ୍ୟଗୁରୁ ଅନିତା ସିଂହଦେଓ, ଅନିତା ରାଜଗୁରୁ, ପ୍ରତିଭା ପଣ୍ଡା, ଲକି ଓ ଦୀପଙ୍କର ଦାସଙ୍କ ନିର୍ଦ୍ଦେଶନାରେ ଅନୁଗୋଳର ନୃତ୍ୟାୟନୀ, ସେଣ୍ଟ୍ରାଲ୍ ୱାର୍କଶପ୍‌ର ଶ୍ରୀକାନ୍ତ ଡ୍ୟାନ୍ସ ଗ୍ରୁପ, ଭୁବନେଶ୍ୱରର ନୃତ୍ୟ ପ୍ରତିଭା ଡ୍ୟାନ୍ସ ଗ୍ରୁପ୍ ଓ କଟକର ନଟରାଜ ଡ୍ୟାନ୍ସ ଏକାଡେମୀର ନୃତ୍ୟଶିଳ୍ପୀମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ବିମୋହିତ କରିଦେଇଥିଲେ। ସେହିପରି ମା' ହିଙ୍ଗୁଳାଙ୍କ ମନ୍ଦିର ନିକଟସ୍ଥ ଅନ୍ୟ ଏକ ସ୍ୱତନ୍ତ୍ର ମଞ୍ଚରେ ଜୀବନ ଦୃଷ୍ଟିହୀନ ଭଜନ ସନ୍ଧ୍ୟା ଅନୁଷ୍ଠାନର ଦିବ୍ୟାଙ୍ଗ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରି ଦର୍ଶକମାନଙ୍କ ଠାରୁ ପ୍ରଶଂସା ସାଉଣ୍ଟିଥିଲେ। ଏହି କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, କରୁଣାକର ବାଇ ପରିଚାଳନା କରିଥିବା ବେଳେ ଧୂଳେଶ୍ୱର ବେହେରା, ପଠାଣି ବାରିହା ପ୍ରମୁଖ ସହଯୋଗ କରିଥିଲେ।

### ଏନଜେନ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ତାଳଚେର, ୨୩।୪(ନି.ପ୍ର.)**

ମରାମତି କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ସୋମବାର ପ୍ରାଣ ହରାଇଥିବା ଏନଜେନ କର୍ମଚାରୀ ଢେଙ୍କାନାଳ ଜିଲା ରାସୋଳ ଥାନା ଅଞ୍ଚଳର ଅଭିଜିତ ସାହୁଙ୍କ ପରିବାରକୁ କ୍ଷତିପୂରଣ ଓ ନିଯୁକ୍ତି ମିଳି ନ ଥିବାରୁ ପ୍ରତିବାଦରେ ଚାଇଁପାଳ ଡିଭିଜନରେ କାର୍ଯ୍ୟରତ ସମସ୍ତ ଏନଜେନ କର୍ମଚାରୀ ମଙ୍ଗଳବାର କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଅଭିଜିତଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ନିଯୁକ୍ତି ଦେବାକୁ କର୍ମଚାରୀଙ୍କ ପକ୍ଷରୁ ଦାବି କରାଯାଇଥିଲା। କିନ୍ତୁ ଏନଜେନ ଅଧିକାରୀମାନେ ଏତେ ଟଙ୍କା ଦେବାକୁ ମନା କରି ଦେବାରୁ କର୍ମଚାରୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଅପରାହ୍ନଠାରୁ ହାଟତୋଟା ତାମ୍ରିତ ମାର୍କେଟରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ରହିଥିଲେ ହେଁ ମରାମତି କରାଯାଇ ନାହିଁ। ଫଳରେ ଉପଭୋକ୍ତା ଓ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

### ମହିଳାଙ୍କ ମୃତଦେହ ଉଦ୍ଧାର

**ବଅଁରପାଳ, ୨୩।୪ (ଡି.ଏନ୍.ଏ)**

ବଅଁରପାଳ ଥାନା ବୁଢ଼ାପଙ୍କ ରେଲୱେ ଷ୍ଟେଶନ ପଡ଼ିଆ ନିକଟରୁ ପୋଲିସ ମଙ୍ଗଳବାର ଅପରାହ୍ନରେ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ମୃତାଙ୍କ ବୟସ ପ୍ରାୟ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ୨/୩ ଦିନ ହେବ ତାଙ୍କ ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ ମହିଳା ଜଣଙ୍କର ମାନସିକ ବିକୃତି ଥିଲା। ମୃତ୍ୟୁର କାରଣ ଜଣାପଡିନାହିଁ। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି। ବୁଧବାର ବ୍ୟବଚ୍ଛେଦ କରାଯିବ।

# ଶିକୁଳିରେ ବନ୍ଧା ହୋଇ ଭୋଟ ଦେଲେ ଆଲୋକ



ଶିକୁଳିରେ ଆଲୋକଙ୍କୁ ବନ୍ଧା ଯାଇଛି।

**ବଇଣ୍ଡା, ୨୩।୪(ଡି.ଏନ.ଏ.)**

ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟରେ ମାନସିକ ଭିନ୍ନକ୍ଷମ ଆଲୋକ କୁଦେଇ(୨୮) ଭୋଟ ଦେଇଛନ୍ତି। ନୁନୁକାପଶି ଗ୍ରାମର ଆଲୋକ ପରିବାର ସହ ଭୋଟ ଦେବାକୁ ଆସିଥିଲେ। ଦୀର୍ଘ ଦିନ ହେଲା ସେ ମାନସିକ ରୋଗରେ ଆକ୍ରାନ୍ତ ହୋଇଥିବାରୁ ତାଙ୍କ ଦୁଇ ଗୋଡ ଶିକୁଳିରେ ବନ୍ଧା ହୋଇଥିବାବେଳେ ଏକ ହୁଇଲ ଚେୟାରରେ ତାଙ୍କୁ ମତଦାନ କେନ୍ଦ୍ରକୁ ଅଣାଯାଇଥିଲା। ସମ୍ପର୍କୀୟଙ୍କ ସହାୟତାରେ ସେ ଭୋଟ ଦେଇଥିଲେ।

# କଣିହାଁରେ ଶାନ୍ତିଶୃଙ୍ଖଳାରେ ମତଦାନ

**କଣିହାଁ, ୨୩।୪(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକରେ ତାଳଚେର ବିଧାନସଭା କ୍ଷେତ୍ରର ୮ଟି ପଞ୍ଚାୟତ ଓ ପାଲଲହଡ଼ା ବିଧାନସଭା କ୍ଷେତ୍ର ଅନ୍ତର୍ଗତ ୧୯ଟି ପଞ୍ଚାୟତରେ ଶାନ୍ତିଶୃଙ୍ଖଳାରେ ମତଦାନ ଶେଷ ହୋଇଛି। କେତେକ ସ୍ଥାନରେ ଇଭିଏମ୍ ଓ ଭିଭିପିଏଟିରେ ତ୍ରୁଟି ଯୋଗୁ ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ସୁଧାରିବା ପରେ ଭୋଟ ଗ୍ରହଣ ସ୍ୱାଭାବିକ ହୋଇଥିଲା। କେତେକ ବୁଥ୍‌ରେ ଦଳୀୟ କର୍ମୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲେ ବି ଥାନା ଅଭିଯୋଗ ହୋଇ ନ ଥିବା କଣିହାଁ ଥାନା ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି। ତାଳଚେର ବ୍ଲକ କୁମୁଣ୍ଡା ପଞ୍ଚାୟତ ଚିଉଲପୁର ୪୫ ନମ୍ବର ବୁଥ୍‌ରେ ସନ୍ଧ୍ୟା ୭ଟା ପରେ ମତଦାନ ଶେଷ ହୋଇଥିଲା। ସେହିପରି ବ୍ଲକର ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ସମଲ ଥାନା କୁଲେଇ ଗ୍ରାମର ୨୦୬ ନମ୍ବର ବୁଥ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ୨ ଘଣ୍ଟା ବିଳମ୍ବ ହୋଇଥିଲା।

# ମହୁମାଛି ଆକ୍ରମଣରେ ବୃଦ୍ଧ ଗୁରୁତର

**କାମାକ୍ଷାନଗର, ୨୩।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ କଣ୍ଟାପାଳ କଲୋନୀ-୩ରେ ରହୁଥିବା ନିରଞ୍ଜନ ସାହୁ (୭୦) ମହୁମାଛି ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ବାଡ଼ି ପଟେ ଘାସ କାଟୁଥିବାବେଳେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ମେଟାଲ ଖଣିରୁ କୋଇଲା ବାହାରୁଥିବା ଚର୍ଚ୍ଚା

**ଭାପୁର, ୨୩।୪(ଡି.ଏନ.ଏ)**

ଢେଙ୍କାନାଳ ସଦର ତହସିଲ ଅଧୀନ ଭାପୁର ରାଜସ୍ୱ ଗ୍ରାମ ଅନ୍ତର୍ଗତ ଭାଲୁଗାଡ଼ ମେଟାଲ ଖଣିରୁ କୋଇଲା ବାହାରୁଥିବା ଚର୍ଚ୍ଚା ହେଉଛି। ମଙ୍ଗଳବାର ବେଗୁନିଆପାଳ ଗ୍ରାମର ଜଣେ ବ୍ୟକ୍ତି ଘର କାମ କରିବାକୁ ମେଟାଲ କିଣିଥିବାବେଳେ ପଥର ମଧ୍ୟରୁ କୋଇଲା ଭଳି କିଛି ଖଣିଜ ପାଇଥିଲେ। ଏହା କୋଇଲା କି ନୁହେଁ, ତାହା ଜାଣିବାକୁ ସେ ଉକ୍ତ ଖଣିଜକୁ ଜାଳିଥିଲେ। ଏଥିରୁ ଏହା କୋଇଲା ବୋଲି ଜଣାପଡ଼ିଥିଲା। ଅପରାହ୍ନରେ ଉକ୍ତ ଖଣିର ୮୦ ଫୁଟ ଗଭୀରରେ କୋଇଲା ସ୍ତର ଠାବ କରାଯାଇଛି। ହେଲେ କେବେଠାରୁ ଏହି ଖଣିଜ ବାହାରୁଛି ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।

ଏ ନେଇ ତହସିଲଦାର ଉଦୟନାଥ ମହାପାତ୍ର କୁହନ୍ତି, ମେଟାଲ ଖଣିରୁ କୋଇଲା ବାହାରିବା ନେଇ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ଏହାର ଯାଞ୍ଚ ବୈଷୟିକ ଟିମ୍ ଦ୍ୱାରା କରାଯିବ। ପ୍ରକୃତ ସତ୍ୟତା ଜଣାପଡ଼ିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।



ମେଟାଲ ଖଣିରୁ ବାହାରିଥିବା ପଦାର୍ଥ।

## ସଂକ୍ଷେପରେ

### ନିର୍ଦ୍ଧାରିତ ସମୟରେ ମତଦାନ ସରିଲାନି

**ବଡବିଲ,୨୩।୪(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ବଡବିଲ ପୌରାଞ୍ଚଳର ଅଧିକାଂଶ ବୁଥ୍‌ରେ ଇଭିଏମ ମେଶିନରେ ତ୍ରୁଟି ଯୋଗୁଁ ବିଳମ୍ବରେ ମତଦାନ ହୋଇଥିଲା। ଶାନ୍ତି ଶୃଙ୍ଖଳାର ସହ ସମସ୍ତ ବୁଥରେ ମଙ୍ଗଳବାର ମତଦାନ ଚାଲିଥିଲେ ହେଁ କେତେକ ବୁଥରେ ନିର୍ଦ୍ଧାରିତ ସମୟ ଅପରାହ୍ନ ୪ଟା ସୁଦ୍ଧା ମତଦାନ ଶେଷ ହୋଇ ପାରିନଥିଲା। କିଛି ବୁଥରେ ଭୋଟରଙ୍କୁ ଦୀର୍ଘ ସମୟ ଧରି ଧାଡିରେ ଛିଡା ହେବାକୁ ପଡିଥିଲା। ମାଓ ପ୍ରବଣ ବଡବିଲ ପୌରାଞ୍ଚଳର ୨୩ ଓ ୪୧ ନମ୍ବର ବୁଥ୍‌ରେ ଅପରାହ୍ନ ୪ ଟା ସୁଦ୍ଧା ପ୍ରାୟ ୨ ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଭୋଟର ପ୍ରବେଶ କରିବାରୁ ସେଠାରେ ଶାନ୍ତି ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପୋଲିସ ମୁତୟନ କରାଯାଇଥିଲା। ରାତି ପ୍ରାୟ ୮ ଟା ପର୍ଯ୍ୟନ୍ତ ସେଠାରେ ମତଦାନ ଚାଲିଥିଲା।

### ଆଦର୍ଶ ବୁଥରେ ମତଦାନ



**ଆନନ୍ଦପୁର,୨୩।୪(ସ୍ୱ.ପ୍ର.)-** ଘସିପୁରା ନିର୍ବାଚନମଣ୍ଡଳୀର ୧୩୩ ନଂ କନ୍ତୋ ରାଜସ୍ୱଗ୍ରାମର ବନ୍ଧସିମୁଳିଆ ବୁଥକୁ ଆଦର୍ଶ ବୁଥ କରାଯାଇଥିଲା ବେଳେ ଏଠାରେ ଭୋଟରଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ମତଦାନ କେନ୍ଦ୍ରକୁ ସୁସଜ୍ଜିତ କରି ଭୋଟରମାନଙ୍କୁ ଆକୃଷ୍ଟ କରାଯାଇଥିଲା। ଭିନ୍ନକ୍ଷମଙ୍କ ପାଇଁ ହ୍ୱିଲ୍ ଚେୟାରର ବ୍ୟବସ୍ଥା, ଭୋଟରଙ୍କ ନିମନ୍ତେ ଦହି ସର୍ବତ ଏବଂ ବରିଷ୍ଠ ନାଗରିକମାନେ ବିଶ୍ରାମ ନେବା ପାଇଁ ଚେୟାରର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି ବୁଥରେ ସ୍ଥାନୀୟ ଆଦିବାସୀ ମତଦାନ ବେଶ ଖୁସି ଥିବା ଦେଖିବାକୁ ମିଳିଥିଲା। ଗ୍ରାମରେ ଭୋଟର ସଂଖ୍ୟା ୩୭୨ ରହିଥିବାବେଳେ ୩୧୪ ଜଣ ଭୋଟର ମତଦାନ କରିଥିଲେ।

### ମତଦାନ କଲେ ଦିବ୍ୟାଙ୍ଗ ଯୁବକ




**କେନ୍ଦୁଝର, ୨୩।୪ (ସ୍ୱ.ପ୍ର.)-** ଭିନ୍ନକ୍ଷମ ହୋଇ ଚଳପ୍ରଚଳ କରିପାରୁନଥିଲେ ହେଁ ନିଜର ଭୋଟଦାନ ଅଧିକାର ସାବ୍ୟସ୍ତ କରଛନ୍ତି ଶ୍ରୀତମ ଖୁଣ୍ଟିଆ। ସ୍ଥାନୀୟ ପବିତ୍ରଡିହା ସାହିରେ ଘର। ପ୍ରଥମ ଥର ଭୋଟ ଦାନ କରିବାକୁ ମା'ବାପାଙ୍କ ସହିତ ଆସିଥିଲେ। ଯଦିଓ ଶାରିରୀକ ଓ ମାନସିକ ସ୍ତରରେ ଅକ୍ଷମ ତଥାପି ଭୋଟ ଦାନ ଦେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ହ୍ୱିଲ ଚେୟାରରେ ବସି ଏନଏସ ପୋଲିସ ହାଇସ୍କୁଲରେ ଥିବା ଭୋଟଗ୍ରହଣ କେନ୍ଦ୍ରରେ ଭୋଟ ଦେଇଛନ୍ତି। ସେମାନଙ୍କ ସହାୟତା କରିବା ପାଇଁ ନିୟୋଜିତ ହୋଇଥିବା ଏନସିସି ଛାତ୍ର ଓ ବିଦ୍ୟାଳୟର ଶିକ୍ଷକ ମାନେ ସହାୟତା କରିଥିଲେ। ଭିନ୍ନକ୍ଷମ ମାନଙ୍କ ପାଇଁ ସମସ୍ତ ବୁଥରେ ହ୍ୱିଲ ଚେୟାର ବ୍ୟବସ୍ଥା କରିବା ସହ ସହାୟତା ପାଇଁ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥିଲେ।

### ଶାନ୍ତି ଶୃଙ୍ଖଳାରେ ଭୋଟ ଗ୍ରହଣ

**ତେଲକୋଇ,୨୩।୪(ଡି.ଏନ୍.ଏ.)-** ତେଲ୍‌କୋଇ ବ୍ଲକରେ ଭୋଟଦାନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ବ୍ଲକ କଲୋନୀ ସ୍କୁଲ, କତରାପାଲି, ରାମଚନ୍ଦ୍ରପୁର, ବିଞ୍ଝିବାହାଲ ଓ ମଲଣ୍ଡା ଭୋଟ୍ କେନ୍ଦ୍ରରେ ଇଭିଏମ୍ ମେଶିନ୍ ତ୍ରୁଟି ପାଇଁ ଏକଘଣ୍ଟା ଭୋଟଗ୍ରହଣ ବିଳମ୍ବ ହୋଇଥିଲା। ଏହି ନିର୍ବାଚନମଣ୍ଡଳୀରେ ସକାଳ ୭ଟା ଠାରୁ ସନ୍ଧ୍ୟା ୬ଘଟିକା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯାଇଥିଲା। ତେବେ ସାଢ଼େ ୫ଟା ପର୍ଯ୍ୟନ୍ତ ୭୨% ମତଦାନ ହୋଇଥିବା ପଞ୍ଚାୟତ ଅଧିକାରୀଙ୍କଠାରୁ ପ୍ରକାଶ। ବ୍ଲକ ଅଧିନରେ ୯୫ଟି ଭୋଟଗ୍ରହଣ କେନ୍ଦ୍ର ରହିଥିବାବେଳେ ସମୁଦାୟ ୭୪୭୬୬ ଜଣ ଭୋଟର ମତଦାନ କରିଥିଲେ। ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା।

# ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳ ବୁଥ୍‌ରେ ଅବ୍ୟବସ୍ଥା

**କେନ୍ଦୁଝର, ୨୩।୪ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ୪ର୍ଥ ପର୍ଯ୍ୟାୟ ଭୋଟ ବେଳେ ବିଭିନ୍ନ ବୁଥ୍‌ରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। ସହରାଞ୍ଚଳରେ ସବୁ ପ୍ରକାରର ସୁବିଧା ଉପଲବ୍ଧ କରି ମଡେଲ ବୁଥ ଆୟୋଜନ କରାଯାଇଥିବାବେଳେ ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅନେକ ବୁଥରେ ଭୋଟରଙ୍କ ଲାଗି ପିଇବା ପାଣି ଓ ଖରାରୁ ରକ୍ଷା ପାଇବା ଲାଗି ଟେଣ୍ଟ ବ୍ୟବସ୍ଥା ମଧ୍ୟ ହୋଇ ନ ଥିଲା। ଭୋଟ ଦେବାକୁ ଆସିଥିବା ଲୋକେ ଖରା ଗରମରେ ଶିଝି ହଇରାଣ ହୋଇଥିଲେ। ଅନେକ ଭୋଟ ମତଦାନ କରି ନ ପାରି ଫେରି ଯାଇଥିଲେ।

ଜିଲାର ବାଂଶପାଳ ବ୍ଲକର ଅଞ୍ଚଳରେ ନିର୍ବାଚନ କିପରି ଚାଲିଛି ସେ ନେଇ ଧରିତ୍ରୀ ପକ୍ଷରୁ ଅନୁଧ୍ୟାନ କରାଯାଇଥିଲା। ଜୁଆଙ୍ଗ ଜନଜାତି ଅଧୂଷିତ କୋଡ଼ିପଶା ଗ୍ରାମର ଆଶ୍ରମ ବିଦ୍ୟାଳୟରେ ଖୋଲିଥିବା ବୁଥ ଓ ଭୂୟାଁ ଅଧୂଷିତ ରୁଗୁଡି ଗ୍ରାମସ୍ଥିତ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ବୁଥରେ ବିଭିନ୍ନ ଅବ୍ୟବସ୍ଥା ହୋଇଥିବାରୁ ଭୋଟରମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। କେତେକ ଭୋଟର କହିଥିଲେ, ସେମାନେ ୪/୫ କି.ମି.ଦୂରରୁ ଖରାରେ ଚାଲି ଚାଲି ଭୋଟ ଦେବାକୁ ଆସିଛନ୍ତି। ଆଉ କେତେକ ଭୋଟର କହିଥିଲେ, ଆମେ ଖରାଗରମରେ ଶିଝି ଭୋଟ ଦେଇଛୁ, ହେଲେ ଆମ ସମସ୍ୟାର ସମାଧାନ ହେଉନାହିଁ। ନେତାମାନେ ପ୍ରତିଶ୍ରୁତି ଦେଇ ଭୋଟ ପରେ ଭୁଲି ଯାଉଛନ୍ତି। ଗରିବ ଆଦିବାସୀଙ୍କ ସରଳତାର ସୁଯୋଗ ନେଇ କେତେକ ନେତା ସେମାନଙ୍କୁ ପ୍ରଭାବିତ କରୁଥିଲେ ମଧ୍ୟ ଏସବୁର ତଦାରଖ ହେଉ ନାହିଁ। ଭିନ୍ନକ୍ଷମମାନଙ୍କ ପାଇଁ ଆସି ଥିବା ଟ୍ରାଇସାଇକେଲ କାମରେ ଲାଗୁନାହିଁ। ରୁଗୁଡି ଭୋଟ ଗ୍ରହଣ କେନ୍ଦ୍ର ବାହାରେ ପ୍ରବଳ ଭିଡ ହୋଇଥିବାରୁ ପୋଲିସ ଏହାକୁ ନିୟନ୍ତ୍ରଣ କରିବାରେ ଅସଫଳ ହୋଇଥିଲା। ପ୍ରବଳ ଭିଡ଼ ଓ ଗରମ ଯୋଗୁ କେତେକ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ ଓ ଅସୁସ୍ଥ ଭୋଟର ମାନେ ଅଧିକ ଅସୁବିଧା ଭୋଗିଥିଲେ। ଟେଣ୍ଟ ବ୍ୟବସ୍ଥା ହୋଇ ନ ଥିବାରୁ ଛୋଟ ଶିଶୁଙ୍କୁ ଧରି ଆସିଥିବା ମା'ମାନେ ଅସୁବିଧା ଭୋଗୁଥିଲେ। କେତେକ ମହିଳା ଗଛ ମୂଳରେ ବସିଥିବା ଦେଖିବାକୁ ମିଳିଥିଲା। ବୁଥ୍ ଭିତରେ ସିସିଟିଭି କ୍ୟାମେରା ଲାଗିଥିଲେ ମଧ୍ୟ ବାହାରର ଅବ୍ୟବସ୍ଥା ଦେଖିବାକୁ କେହି ନ ଥିଲେ।



ଖରାରେ ମତଦାତାମାନେ ଧାଡ଼ିବାନ୍ଧି ଠିଆ ହୋଇଛନ୍ତି।

# ଇଭିଏମ ଅଚଳ, ବିଳମ୍ବରେ ଭୋଟ ଗ୍ରହଣ

**ଯୋଡ଼ା,୨୩।୪(ଡି.ଏନ.ଏ.)**

କେନ୍ଦୁଝର ଜିଲାରେ ମଙ୍ଗଳବାର ଅନୁଷ୍ଠିତ ତୃତୀୟ ପର୍ଯ୍ୟାୟ ଭୋଟ ବେଳେ ଯୋଡ଼ା ବ୍ଲକର କେତେକ ସ୍ଥାନରେ ଇଭିଏମ ମେଶିନ ଅଚଳ ହେବାଯୋଗୁ ଭୋଟଦାନ ବିଳମ୍ବିତ ହୋଇଥିଲା। ଯୋଡ଼ା ପୌରପାଳିକାର ଯୋଡ଼ା ହାଇସ୍କୁଲର ୧୦୧ ନଂ ବୁଥ, ବନେଇକଳା ୮୮ନଂ. ବୁଥ, ଜଳହରିର ୧୩୦ନଂ, ବିରିକଳା ଗ୍ରାମପଞ୍ଚାୟତ ଦଡୁଆଁ ଗ୍ରାମର ୬, ୭ ଓ ୮ ନଂ ବୁଥରେ ଭୋଟଗ୍ରହଣ ଆରମ୍ଭରୁ ଇଭିଏମ ମେଶିନ କାମ କରି ନ ଥିଲା। ଭୋଟରମାନେ ଖରାରେ ଠିଆହୋଇ ହଇରାଣ ହୋଇଥିଲେ। ଦେଢ଼ ଘଣ୍ଟା ପରେ ନୂଆ ମେଶିନ ଅଣାଯାଇ ଭୋଟ ଗ୍ରହଣ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଫଳରେ ଭୋଟଦାନ ପ୍ରକ୍ରିୟା ପ୍ରାୟ ୩ ଘଣ୍ଟା ବିଳମ୍ବ ହୋଇଥିଲା। ଭୋଟ ଦାନ ସମୟ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଥିବାରୁ ଭୋଟରମାନେ ପ୍ରବଳ ଖରାରେ ଧାଡ଼ିରେ ରହି ଭୋଟ ଦେଇଥିଲେ। କେତେକ ବୁଥରେ ଭୋଟରଙ୍କ ପାଇଁ ପାନୀୟଜଳର ବ୍ୟବସ୍ଥା ହୋଇ ନ ଥିବା ଯୋଡ଼ାର ବରିଷ୍ଠ ନାଗରିକ ସୋମନାଥ ମହାନ୍ତି,ସଲିଲ ଦାସଗୁପ୍ତା, ନନ୍ଦକିଶୋର ମହାନ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି। କାଁଭାଁ ଆଦର୍ଶ ବୁଥ ହୋଇଥିଲେ ମଧ୍ୟ ସବୁ ବୁଥରେ ପାନୀୟ ଜଳ ଓ ବସିବା ପାଇଁ ବ୍ୟବସ୍ଥା ହୋଇ ନ ଥିଲା। ଖରାରୁ ରକ୍ଷା ପାଇବା ପାଇଁ ପାଲ ମଧ୍ୟ ଟଙ୍ଗାଯାଇ ନ ଥିଲା। ପ୍ରଶାସନ ଇଭିଏମ ଓ ଭିଭିପିଏଟି ମେଶିନର ଡେମୋ କରାଇଥିଲେ ମଧ୍ୟ ଭୋଟବେଳେ ସବୁ ଫେଲ ମାରିଥିବା ଭୋଟରମାନେ କହିଛନ୍ତି। ଜୁରୁଡ଼ି ଜଳହରିର ବୁଥ ନଂ ୧୩୦ରେ ଭୋଟରମାନେ ଭୋଟ ଦେଇ ନ ପାରି ଦୀର୍ଘସମୟବସି ରହିବାରୁ କେତେକ ବ୍ୟକ୍ତିବିଶେଷ ସେମାନଙ୍କୁ ବିସ୍କୁଟ ଓ ପାଣି ଯୋଗାଇ ଦେଇଥିବା ଦେଖିବାକୁ ମିଳିଥିଲା। ଯୋଡ଼ାରେ ଏକ ନିର୍ଦ୍ଦିଷ୍ଟ ଦଳର ପ୍ରଚାରପତ୍ର ବଣ୍ଟା ଯାଉଥିବାବେଳେ ଯୋଡ଼ା ଥାନା ଅଧିକାରୀ ମନୋଜ କୁମାର ରାଉତ ସଦଳବଳ ପହଞ୍ଚି ଉକ୍ତ ପ୍ରଚାରପତ୍ରକୁ ଜବତ କରିଥିଲେ।

# ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ସବୁଠି ଭିଡ଼

**ଆନନ୍ଦପୁର,୨୩। ୪(ସ୍ୱ.ପ୍ର.)**

୨୦୧୯ ସାଧାରଣ ନିର୍ବାଚନ ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ମତଦାନ କେନ୍ଦ୍ର ଗୁଡକରେ ମହିଳା ଓ ପୁରୁଷମାନେ ଲମ୍ବା ଲାଇନରେ ଛିଡା ହୋଇ ନିଜର ମତଦାନ ସାବ୍ୟସ୍ତ କରିଥିଲେ। ତୃତୀୟ ପର୍ଯ୍ୟାୟ ମତଦାନ ଘସିପୁରା ଓ ଆନନ୍ଦପୁର ବିଧାନ ସଭା ଆସନରେ ତିନି ହେଭିୱେଟ୍ ନେତା ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଘସିପୁରା ନିର୍ବାଚନମଣ୍ଡଳୀରେ ବିଜେଡିର ବିଧାୟକ ପ୍ରାର୍ଥୀ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, କଂଗ୍ରେସର ବିଧାୟକ ପ୍ରାର୍ଥୀ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ପୂର୍ବତନ ପିସିସି ତଥା ମନ୍ତ୍ରୀ ଜୟଦେବ ଯେନାଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଘସିପୁରା ନିର୍ବାଚନମଣ୍ଡଳୀରେ ୩୦୦ ବୁଥ୍‌ରେ ମତଦାନ ଅନୁଷ୍ଠିତ ହେଉଥିବାବେଳେ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ୨୯୧ ବୁଥରେ ମତଦାନ ହୋଇଛି।

### ବିଳମ୍ବରେ ମତଦାନ

ଘସିପୁରା ନିର୍ବାଚନମଣ୍ଡଳୀର ୨୬୮ ନଂ ବୁଥ ମହୁରୀ, ୨୪୬ ବ୍ରାହ୍ମଣିଦା, ୨୭୩ ସାଇଁପାଳ, ୨୭୨ ଓଡପଡା,୧୬୦ ଝିଙ୍କିପିଟା, ୨୪୦ ମଧୁକଶରୀ, ୨୮୮ ନହଙ୍ଗୀ, ୨୪୫ ପାଟସୁରା, ୨୮୧ ଗଡବାନ୍ଧଗୋଡା-୧, ୧୬୩ ତୋରାଣିଆ ପାଳ,୧୯୨ ଖଇଲୋ, ୨୨୧ ଖଇଲୋ-୨, ୧୯୫ ରାଧିକାଦେଇପୁର, ୨୩୫ କାଇପାଳ, ୨୮୭ ରାଇତୋଳା, ୧୮୦ ଭଣ୍ଡାରିଡିହା-୧, ୪୪ ଉକୁରୁବେଡା, ୫୯ ବଳଭଦ୍ରପୁର, ୬୦ ବଳଭଦ୍ରପୁର, ୧୪୦ ଧକୋଠା, ୧୪୧ ଜଳନଣ୍ଡା, ୧୪୨-ବନ୍ଧ,୧୪୩-ବଡଏକତାଳୀ, ୧୪୪ ବଡେକତାଳୀ -୨, ୧୪୫ ମାର୍ଶାପାଳ, ୧୪୮ ଭାଲୁକୁମା, ୪୦ କଣ୍ଡାସର, ୧୮୧ ଭଣ୍ଡାରିଡିହା-୨, ୧୬୮ ଖାଳିଆମେଣ୍ଟା-୧, ୧୬୯ ଖାଳିଆମେଣ୍ଟା-୨ ପ୍ରଭୃତି ସ୍ଥାନରେ ଇଭିଏମ ତ୍ରୁଟି ଯୋଗୁଁ ମତଦାନ ବିଳମ୍ବ ଘଟିଥିଲା। ଫଳରେ ଜନଅସନ୍ତୋଷ ପ୍ରକାଶ ପାଇଥିଲା।

### ବୁଥରୁ ଏଜେଣ୍ଟମାନଙ୍କୁ ବାହାର କରାଗଲା

ମନ୍ତ୍ରୀଙ୍କ ବୁଥ ସମ୍ମୁଖରେ ଧାରଣା ପରେ ଏଜେଣ୍ଟଙ୍କୁ ବୁଥ ଭିତରେ ରହିବାକୁ ଦିଆଗଲା- ଘସିପୁରା ନିର୍ବାଚନମଣ୍ଡଳୀର କେତେକ ବୁଥରେ ବିଭିନ୍ନ ରାଜନୈତିକ ଦଳର ଏଜେଣ୍ଟମାନଙ୍କୁ ବୁଥ ବାହାରକୁ ବାହାର କରିଦିଆଯାଇଥିଲା। ଫଳରେ ଭୋଟର ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସେହିପରି ଆନନ୍ଦପୁରର ବିଧାନସଭା ନିର୍ବାଚନମଣ୍ଡଳିରେ ବୁଥ ନଂ ୭୬, ୮୦, ୧୯୭ ସହିତ ବିଭିନ୍ନ ବୁଥରେ ଇଭିଏମ ତ୍ରୁଟି କାରଣରୁ ମତଦାନ ବିଳମ୍ବରେ ହୋଇଥିଲା। ପରବର୍ତ୍ତୀ ସମୟରେ ମେଶିନ୍ ସଜାଡିବା ପରେ ମତଦାନ ସ୍ୱାଭାବିକ ହୋଇଥିଲା।

## ହାଟଡିହୀ ବ୍ଲକରେ ଶାନ୍ତିପୂର୍ଣ୍ଣ ମତଦାନ

**ହାଟଡିହୀ,୨୩।୪(ସ୍ୱ.ପ୍ର)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ କାଁଭାଁ ଉତ୍ତେଜନାକୁ ଛାଡିଦେଲେ ମଙ୍ଗଳବାର ଶାନ୍ତପୂର୍ଣ୍ଣ ମତଦାନ ହୋଇଛି। କେତେକ ବୁଥରେ ଇଭିଏମ ମେଶିନରେ ତ୍ରୁଟି ଯୋଗୁ ମତଦାନ ବିଳମ୍ବ ହୋଇଥିଲେ ମଧ୍ୟ ପ୍ରଶାସନର ହସ୍ତକ୍ଷେପ ପରେ ଭୋଟ ଗ୍ରହଣ ହୋଇଥିଲା। ମଡେଲ ବୁଥ ଗୁଡିକରେ ଭୋଟର ସହାୟକ ନିଯୁକ୍ତି ସହିତ ଭିନ୍ନକ୍ଷମଙ୍କ ପାଇଁ ହ୍ୱିଲ ଗାଡିର ବ୍ୟବସ୍ଥା କରାଯାଇଥିଲା। ବରିଷ୍ଠ ନାଗରିକ ତଥା ନୂତନ ଭୋଟରଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ହାଟଡିହୀ ହାଇସ୍କୁଲ ପରିସରରେ ଥିବା ବୁଥରେ ବିଜେପି ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ଓ ଶଙ୍ଖଣା ବୁଥରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଜୟଦେବ ଯେନା ଭୋଟ ଦେଇଥିଲେ। ବିଜେଡି ବିଧାୟକ ପ୍ରାର୍ଥୀ ଭାଗିରଥୀ ସେଠୀ ମଧ୍ୟ ତାଙ୍କ ନିଜ ବୁଥରେ ଭୋଟ ଦେଇଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା।

# କାହା ପାଇଁ ଅଲୋଡ଼ା, କାହା ପାଇଁ ଲୋଡ଼ା



ପିଲାମାନେ ବ୍ୟାନରରେ ବସି ତାସ୍ ଖେଳୁଛନ୍ତି।

**କେନ୍ଦୁଝର, ୨୩।୪ (ସ୍ୱ.ପ୍ର.)**

ଭୋଟ ପ୍ରଚାର ସରିଲା। ଏଣୁ ପୋଷ୍ଟର ଓ ବ୍ୟାନରର କ'ଣ କାମ। ତେବେ ଏହି ପୋଷ୍ଟର ବ୍ୟାନର ପ୍ରାର୍ଥୀମାନଙ୍କ ପାଇଁ ଅଲୋଡ଼ା ହୋଇଯାଇଛି। କିନ୍ତୁ ଏସବୁ ଗ୍ରାମାଞ୍ଚଳ ଲୋକଙ୍କ ବିଭିନ୍ନ କାମରେ ଲାଗୁଛି। କିଏ ଏହାକୁ ଘର ଚାଳରେ ବିଛାଇ ବର୍ଷା ଦାଉରୁ ରକ୍ଷା ପାଉଛି ତ କିଏ ଏହାକୁ ବାନ୍ଧି ତା ତଳେ ଆଶ୍ରୟ ନେଉଛି। କିଏ ଏହାକୁ ବିଛାଇ ଶୋଉଛି ତ କିଏ ଏହାକୁ ଖେଳିବାରେ ବ୍ୟବହାର କରୁଛନ୍ତି। ଏଭଳି ବ୍ୟାନର ଓ ବୋର୍ଡକୁ କୋଡିପଶା ଗ୍ରାମରେ ପିଲାମାନେ ଖେଳିବାରେ ବ୍ୟବହାର କରୁଛନ୍ତି। ଏହାକୁ ତଳେ ବିଛାଇ ତାସ ଖେଳୁଥିବାବେଳେ ବୋର୍ଡକୁ ଓଲଟାଇ ଏହା ଉପରେ କ୍ୟାରମ ଖେଳୁଛନ୍ତି। ନିର୍ବାଚନ ସମୟରେ ନେତା ଆସନ୍ତି ନାନା ପ୍ରତିଶ୍ରୁତି ଦେଇଥାନ୍ତି। ପରେ ଦେଖା ଦିଅନ୍ତି ନାହିଁ କିମ୍ବା ପ୍ରତିଶ୍ରୁତି ପୂରଣ କରନ୍ତି ନାହିଁ। ସେମାନଙ୍କ ପାଇଁ ଆମେ ଅଲୋଡ଼ା ହୋଇଯାଉଛୁ। କିନ୍ତୁ ସେମାନଙ୍କ ଅଲୋଡ଼ା ବ୍ୟାନର, ବୋର୍ଡ ଆଦି ଆମ କାମରେ ଲାଗୁଛି ଭଳି ସେମାନେ କହିଛନ୍ତି।

# ସମସ୍ୟା ଅନେକ, ଖାଲି ମିଳୁଛି ପ୍ରତିଶ୍ରୁତି

**କେନ୍ଦୁଝର, ୨୩।୪ (ସ୍ୱ.ପ୍ର.)**

ଆଦିବାସୀ ଅଞ୍ଚଳରେ ସରଳ ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ନେତାମାନେ ଠକିଆସୁଥିବା ଘଟଣା ନୂଆକଥା ନୁହେଁ। ଏହି ଅଞ୍ଚଳର ବିକାଶ ଧାରାକୁ ଦେଖିଲେ ନେତାମାନଙ୍କ ସେମାନଙ୍କ ଅଞ୍ଚଳ ପ୍ରତି କେତେ ଦରଦ ଅଛି ତାହା ବେଶ ଅନୁମାନ କରିହେବ। ଭୋଟ ଦେବା ପାଇଁ ବନବାସୀମାନେ ଖାଲି ପାଦରେ ଚାଲିଚାଲି ଖରାରେ ୪/୫ କି.ମି. ଦୂର ଭୋଟ କେନ୍ଦ୍ରକୁ ଆସୁଛନ୍ତି। ପାଦରେ ନା ଅଛି ଚପଲ, ଦେହରେ ନା ଅଛି ପୂରା ପୋଷାକ। ତଥାପି ଭୋଟ ଦେବାର ଆଗ୍ରହ ସେମାନଙ୍କୁ ଟାଣି ନେଉଛି। ଗାଁରେ ପାଣି ନାହିଁ। ବହୁତ ଅସୁବିଧା ଭୋଗୁଛନ୍ତି ବୋଲି ସେମାନେ ମତପ୍ରକାଶ କରିଛନ୍ତି। କେହି ଶୁଣୁ ନାହାନ୍ତି। ଭୋଟ ଦେଲେ ସମସ୍ୟା ସମାଧାନ ହେବ ବୋଲି ଆଶା ରଖି ଭୋଟ ଦେବାକୁ ଯାଉଛନ୍ତି ବୋଲି ଶିରିଶଖୁଣ୍ଟା ଗ୍ରାମର ବୃଦ୍ଧା ଝାଟ ଦେହୁରୀ କହିଛନ୍ତି। ହାତୀଭାଲୁ ଭୟ ଲାଗୁଛି। ଘର ମିଳୁନଥିବାରୁ ଭଙ୍ଗା ଦଦରା ଘରେ ଲୋକେ ଭୟରେ ରହୁଛନ୍ତି। ବହୁ ବର୍ଷ ହେଲା ଭୋଟ ଦେଇଆସୁଥିଲେ ମଧ୍ୟ କୌଣସି ସମସ୍ୟା ଦୂର ହେଉନାହିଁ।



ଭୋଟ ଦେବାକୁ ଚାଲିଚାଲି ଯାଉଛନ୍ତି ଭୂୟାଁ ବୃଦ୍ଧା।

## ମତଦାନ କେନ୍ଦ୍ରରୁ ହତ୍ୟା ଅଭିଯୁକ୍ତ ଗିରଫ

**ଢେଙ୍କିକୋଟ,୨୩।୪(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ପୁରୁମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ମତଦାନ କେନ୍ଦ୍ରକୁ ଭୋଟ ଦେବାକୁ ଆସିଥିବା ଜଣେ ହତ୍ୟା ଅଭିଯୁକ୍ତଙ୍କୁ ପଣ୍ଡାପଡ଼ା ଥାନା ପୋଲିସ ଗିରଫ କରିଛି। ପଣ୍ଡାପଡ଼ାଥାନା ଅନ୍ତର୍ଗତ ପୁରୁମୁଣ୍ଡା ପଞ୍ଚାୟତ ଅସନବାହାଳି ଗ୍ରାମ ଧ୍ରୁବ ଜୁଆଙ୍ଗଙ୍କୁ ଗତ ୭ ବର୍ଷ ତଳେ ଜଙ୍ଗଲ ମଧ୍ୟରେ ମାରି ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ଏହି ହତ୍ୟା ଘଟଣାର ଅଭିଯୁକ୍ତ ମୁନ୍‌ସୀ ମୁଣ୍ଡା ସେବେଠାରୁ ଫେରାର୍ ହୋଇଯାଇଥିଲା। ମଙ୍ଗଳବାର ପୁରୁମୁଣ୍ଡା ପ୍ରାଥମିକ ବିଦ୍ୟାଳୟକୁ ମୁନସୀ ଭୋଟ ଦେବାକୁ ଆସିଥିବା କୌଣସି ସୂତ୍ରରୁ ଖବରପାଇ ପଣ୍ଡାପଡ଼ା ଥାନା ଅଧିକାରୀ ରଞ୍ଜୁହାସିନୀ ସଦଳବଳ ଭୋଟଗ୍ରହଣ କେନ୍ଦ୍ରରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ତାଙ୍କୁ ଥାନାରେ ଅଟକ ରଖାଯାଇଥିବା ସେ କହିଛନ୍ତି। ମୃତ ଧ୍ରୁବଙ୍କ ବାପା ଶିବ ଜୁଆଙ୍ଗ ଏବଂ ମା' ବାସଙ୍ଗ ଜୁଆଙ୍ଗ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ।

# ପାଟଣା ନିର୍ବାଚନମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ମତଦାନ

**ପାଟଣା, ୨୩।୪(ସ୍ୱ.ପ୍ର.)**

୨୩ ନମ୍ବର ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀରେ ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ପାଇଁ ଶାନ୍ତିପୂର୍ଣ୍ଣ ମତଦାନ ଅନୁଷ୍ଠିତ ହୋଇଛି। ସକାଳ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୭୩ ଟି ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ କରାଯାଇଥିଲା। ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜମୁନାପଶି ପଞ୍ଚାୟତ କୋଡ଼ଖମଣବୁଥ, ମିରିଗିଖୋଜି ପଞ୍ଚାୟତ କଟାବେଡା, ଗଣ୍ଡବେଡା ପଞ୍ଚାୟତ ଲକ୍ଷ୍ମୀପଶି ବୁଥ, କପୁଣ୍ଡି ପଞ୍ଚାୟତର କରଞ୍ଜିଆ ପଡା ଓ କପୁଣ୍ଡି, ଉଦୟପୁର ଓ ଖାଜିରାପାଟ ପଞ୍ଚାୟତର ହରିଚନ୍ଦନପୁର ବୁଥରେ ଇଭିଏମ ତ୍ରୁଟି ଯୋଗୁଁ ଦିନ ୧୦ ଟା ପର୍ଯ୍ୟନ୍ତ ମତଦାତା ଭୋଟ ଦେଇନପାରି ଅସନ୍ତାଷ ପ୍ରକାଶ କରିଥିଲେ। ପ୍ରଶାସନ ତରଫରୁ ଇଭିଏମ ବଦଳ କରାଯିବା ପରେ ମତଦାନ ସ୍ୱାଭାବିକ ହୋଇଥିଲା। ଗଣ୍ଡବେଢ଼ା ପଞ୍ଚାୟତ ଦାନୁଆ ଟାଙ୍ଗରପଡା ଗାଁକୁ ବିଦ୍ୟୁତ ସଂଯୋଗ ଦାବିରେ ଲୋକମାନେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ପ୍ରଶାସନ ବିଦ୍ୟୁତ ସଂଯୋଗର ପ୍ରତିଶ୍ରୁତି ଦେବାପରେ ଦିନ ୧୧ ଟା ବେଳକୁ ଗ୍ରାମବାସୀ ଭୋଟ ଦେଇଥିଲେ। ପ୍ରବଳ ଗୁଳୁଗୁଳି ଓ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ମତଦାତା ଭୋଟ ଦେବାକୁ ଆସିଥିଲେ। ପାଟଣା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଜଗନ୍ନାଥ ନାଏକଙ୍କ ସହ ଭାଜପା ପ୍ରାର୍ଥୀ ଭବାନୀଶଙ୍କର ନାୟକଙ୍କର କଡା ଟକର ହୋଇଛି। ଜିଲା ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକଙ୍କ ସୂଚନା ମୁତାବକ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପାଟଣା ନିର୍ବାଚନମଣ୍ଡଳୀରେ ୬୬ ପ୍ରତିଶତ ମତଦାନ ହୋଇଛି। ୨୦୧୪ ସାଧାରଣ ନିର୍ବାଚନରେ ସମଗ୍ର ଜିଲାରେ ମତଦାନ ହାର ୮୦.୫୪ପ୍ରତିଶତ ଥିବା ବେଳେ ପାଟଣା ନିର୍ବାଚନମଣ୍ଡଳୀରେ ୮୧.୧୧ପ୍ରତିଶତ ରହିଥିଲା। ୨୦୧୯ ନିର୍ବାଚନରେ ଏଠାରେ ମତଦାନ ହାର ନିରୁତ୍ସାହଜନକ ବୋଲି କୁହାଯାଉଛି।

# ଢେଙ୍କିକୋଟରେ ଶାନ୍ତିପୂର୍ଣ୍ଣ ମତଦାନ

**ଢେଙ୍କିକୋଟ, ୨୩।୪(ଡି.ଏନ୍.ଏ.)**

ନିର୍ବାଚନର ଆଜି ଥିଲା ତୃତୀୟ ପର୍ଯ୍ୟାୟ ମତଦାନ। ଏହି ଅବସରରେ କେନ୍ଦୁଝର ଜିଲା ୨୧ ନଂ ନିର୍ବାଚନମଣ୍ଡଳୀ ଘସିପୁରା ନିର୍ବାଚନ ମଣ୍ଡଳୀର ଘଟଗାଁ ବ୍ଲକ ୨୭ଟି ପଞ୍ଚାୟତ ଅଧୀନରେ ଥିବା ଭୋଟ ଗ୍ରହଣକେନ୍ଦ୍ର ମଧ୍ୟରୁ ଢେଙ୍କିକୋଟ ମତଦାନ କେନ୍ଦ୍ରକୁ ଆଦର୍ଶ ମତଦାନ କେନ୍ଦ୍ର ଭାବେ ପରିଗଣିତ କରାଯାଇଥିଲା। ଏଠାକାର ମତଦାତାମାନଙ୍କ ନିମନ୍ତେ ମତଦାନ କେନ୍ଦ୍ର ପର୍ଯ୍ୟନ୍ତ ଗାଲିଚା, ଧାଡ଼ିରେ ଛିଡ଼ା ହେବା ପରିବର୍ତ୍ତେ ଅପେକ୍ଷା ନିମନ୍ତେ ସ୍ୱତନ୍ତ୍ର ବୈଠକ ଗୃହ, ପାନୀୟ ଜଳ ଏବଂ ପ୍ରଚଣ୍ଡ ଖରାରୁ ରକ୍ଷା ପାଇବା ପାଇଁ କପଡ଼ା ଟଣା ଯାଇଥିଲା। ଏଠାରେ ଦୁଇଟି ବୁଥ୍ ଯଥା- ୫୭ ଏବଂ ୫୮ ନଂ ବୁଥ୍ କରାଯାଇଥିଲା। ବୁଥ ନଂ ୫୭ରେ ଭୋଟରଙ୍କ ସଂଖ୍ୟା ଏକହଜାର ୫୬ ଥିବାବେଳେ ସନ୍ଧ୍ୟା ୬ଟା ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ୭୫୩ ମତଦାନ କରିଥିବାବେଳେ ବୁଥ୍ ନଂ-୫୮ରେ ଭୋଟରଙ୍କ ସଂଖ୍ୟା ୮୪୭ ରହିଥିବାବେଳେ ୫୮୫ଜଣ ମତଦାନ କରିଛନ୍ତି। ଶାନ୍ତିଶୃଙ୍ଖଳାର ସହ ମତଦାନ କରାଯାଇଛି। ତେବେ ସମସ୍ତ ବୁଥରେ ଶତକଡ଼ା ୭୦ଭାଗ ମତଦାନ ହୋଇଥିବା ଜଣାପଡ଼ିଛି।

■ ଅନେକ ସ୍ଥାନରେ ଇଭିଏମ ଖରାପ

# ଭୋଟଦେଲେ ବିଧାୟକ ପ୍ରାର୍ଥୀ

**ହାଟଡ଼ିହୀ, ୨୩।୪(ଡ଼ି.ଏନ.ଏ.)**

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବଚେନମଣ୍ଡଳୀ ହାଟଡ଼ିହୀ ବ୍ଲକ ଅଧୀନ ବିଭିନ୍ନ ବୁଥରେ ଇଭିଏମ ଖରାପ ଯୋଗୁ ଦୀର୍ଘ ସମୟ ପର୍ଯ୍ୟନ୍ତ ମତଦାନ ବିଳମ୍ବ ହୋଇଥିଲା। କେତେକ ସ୍ଥାନରେ ଇଭିଏମ ମରାମତି ପରେ ମତଦାନ ଆରମ୍ଭ ହୋଇଥିଲା। ବୁଥ ନଂ ୨୨, ୬୯, ୭୦ରେ କିଛି ସମୟ ପାଇଁ ଅଶାନ୍ତି ସୃଷ୍ଟି ହୋଇଥିଲା। ବୁଥ ନଂ ୨୬୫, ୨୭୨, ୧୭୪, ୧୭୫, ୧୨୬, ୧୯୭ ରେ ଇଭିଏମ ମେଶିନ ଖରାପ ହୋଇଥିଲା। କଂଗ୍ରେସ ବିଧାୟକ ପ୍ରାର୍ଥୀ ଜୟଦେବ ଯେନା, ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, ବିଜେଡି ବିଧାୟକ ପ୍ରାର୍ଥୀ ଭାଗୀରଥି ସେଠୀ ପ୍ରମୁଖ ମତଦାନ କରିଛନ୍ତି। ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।



ବିଧାୟକ ପ୍ରାର୍ଥୀ ଜୟଦେବ ଯେନା।

# ୧୬ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ ମେଶିନରେ

**ଚମ୍ପୁଆ, ୨୩।୪(ଡି.ଏନ.ଏ.)**

ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଶେଷ ହୋଇଛି। ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ବିଧାୟକ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୬ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ ମେଶିନରେ ସୁରକ୍ଷିତ ରହିଛି। ଚମ୍ପୁଆ ୨୫ ନିର୍ବାଚନ ମଣ୍ଡଳୀ ପାଇଁ ମଙ୍ଗଳବାର ସକାଳ ୭ଟାରୁ ୪ଟା ମଧ୍ୟରେ ମତଦାନ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୩ଟା ସୁଦ୍ଧା ୫୦ ପ୍ରତିଶତ ମତଦାତା ମତ ସାବ୍ୟସ୍ତ କରିଥିବା ନିର୍ବାଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଇଭିଏମ ମେଶିନ ଗୁଡ଼ିକରେ ତ୍ରୁଟି ପରିଲକ୍ଷିତ ହେବାରୁ ମତଦାନ ପ୍ରଭାବିତ ହୋଇଥିବା ବେଳେ ନିର୍ବାଚନ ବିଭାଗ ପକ୍ଷରୁ ଅନେକ ବୁଥରେ ଇଭିଏମ ମେଶିନ ସଜଡା ଯାଇଥିଲା। ଫଳରେ ଅନେକ ବୁଥରେ ମତଦାନ ୭ଟା ବେଳେ ହେବାକୁ ଥିବା ବେଳେ ଅଧଘଣ୍ଟାରୁ ଦେଢ଼ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ଏପରି କି ୨୦୬ ନଂ ବୁଥରେ ମତଦାନ ଚାଲୁଥିଲା ବେଳେ ଇଭିଏମ ମେଶିନରେ ତ୍ରୁଟି ପରିଲକ୍ଷିତ ହେବାରୁ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ୨ ପ୍ରମୁଖଦଳ ଭାଜପା ଓ ବିଜେଡି ମଧ୍ୟରେ କଡା ଟକ୍କର ହେଉଥିବା ଭୋଟରମାନେ ମତ ଦେଉଥିବାବେଳେ ଭୋଟ ଗଣତି ପରେ ଫଳାଫଳକୁ ନେଇ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ଏବେଠୁ ଦେଖିବାକୁ ମିଳିଲାଣି। ଶାନ୍ତିଶୃଙ୍ଖଳାର ସହ ଗଣତନ୍ତ୍ରର ଏହି ମହାପର୍ବର ତୃତୀୟ ପର୍ଯ୍ୟାୟ ଶେଷ ହୋଇଥିବାବେଳେ କେବଳ କେମୁଣ୍ଡିଆଠାରେ ଭୋଟ ଦାନକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ନିର୍ବାଚନରେ ବୃଦ୍ଧାବୃଦ୍ଧମାନେ ମଧ୍ୟ ଭୋଟ ଦାନ କରି ନିଜ ଅଧିକାର ସାବ୍ୟସ୍ତ କରିଥିବା ଦେଖିବାକୁ ମିଳିଥିଲା। କେତେକ ବୁଥରେ ଦିବ୍ୟାଙ୍ଗ ଓ ବୃଦ୍ଧାବୃଦ୍ଧଙ୍କ ପାଇଁ ହ୍ୱିଲ ଚେୟାର ବ୍ୟବସ୍ଥା କରାଯାଇଥିଲା।



୮୦ ବର୍ଷରୁ ଅଧିକ ବୟସ୍କ ଭୋଟରଙ୍କୁ ହ୍ୱିଲ ଚେୟାରରେ ନିଆଯାଉଛି।

## ସଂକ୍ଷେପରେ

### ବିଜେଡି କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ



ପରଜଙ୍ଗ, ୨୩।୪(ଡି.ଏନ୍.ଏ.) ପରଜଙ୍ଗ ବ୍ଲକ ଆମ୍ବପଳାସ ଭୋଟଦାନ କେନ୍ଦ୍ରରେ ମତଦାନବେଳେ ନିର୍ବାଚନୀ ହିଂସା ଘଟିଛି। ସାମାନ୍ୟ ବଚସାକୁ କେନ୍ଦ୍ରକରି ଜଣେ ବିଜେଡି କର୍ମୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଆମ୍ବପଳାସ ରାମଚନ୍ଦ୍ରପୁର ସାହିର ବିଜେଡି କର୍ମୀ ସନ୍ତୋଷ କୁମାର ସାହୁ ଏବଂ ଭାଜପା ସମର୍ଥକ ଦେବାନନ୍ଦ ସାହୁଙ୍କ ମଧ୍ୟରେ କୌଣସି କାରଣରୁ ଭୋଟଦାନ କେନ୍ଦ୍ର ନିକଟରେ ବାକ୍‌ବିତଣ୍ଡା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଦେବାନନ୍ଦ ଏକ କୋଲ୍ଡ୍ରିଙ୍କ୍ସ ବୋତଲ ଭାଙ୍ଗି ସନ୍ତୋଷଙ୍କ ବାମ ପାର୍ଶ୍ୱ ପେଟକୁ ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହାକୁ ନେଇ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛି।

### ଟ୍ରେନ୍ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି, ଧାରଣା କ୍ଷତିଗ୍ରସ୍ତ

# ୬ଘଣ୍ଟା ଯାତାୟାତ ବାଧାପ୍ରାପ୍ତ

### ନାହିଁ ନ ଥିବା ଅସୁବିଧା ଭୋଗିଲେ ଯାତ୍ରୀ

ଓଡ଼ାପଡ଼ା, ୨୩।୪(ଡି.ଏନ.ଏ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବାଙ୍ଗୁରସିଂହ ରେଳଫାଟକ ନିକଟରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଏକ କୋଇଲା ବୋଝେଇ ମାଲବାହୀ ଟ୍ରେନ୍ ଇଞ୍ଜିନ୍‌ରେ ଯାନ୍ତ୍ରିକ ତ୍ରୁଟି କାରଣରୁ ରେଳଧାରଣା କ୍ଷତିଗ୍ରସ୍ତ ହୋଇଛି। ଏହାକୁ ନେଇ ଦୀର୍ଘ ୬ଘଣ୍ଟା ଧରି ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ମଙ୍ଗଳବାର ଭୋଟ ପାଇଁ ଅଧିକାଂଶ ଯାନବାହନ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିଲେ। ଯାତ୍ରୀମାନେ ଗନ୍ତବ୍ୟସ୍ଥଳକୁ ଯିବାକୁ ଟ୍ରେନ୍ ଉପରେ ନିର୍ଭର କରିଥିଲେ। ହେଲେ ଦୀର୍ଘସମୟ ଟ୍ରେନ୍ ଅଟକି ରହିବା କାରଣରୁ ସେମାନଙ୍କୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା।

ତାଳଚେର-ଭୁବନେଶ୍ୱର ଅପ୍‌ଲାଇନ୍‌ରେ ଯାଉଥିବା ଉକ୍ତ କୋଇଲା ବୋଝେଇ ଟ୍ରେନ୍‌ର ଗୋଟିଏ ଇଞ୍ଜିନ୍‌ରେ କୌଣସି କାରଣରୁ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଟ୍ରେନ୍‌ଟି ୱାଗନଗୁଡ଼ିକୁ ଟାଣିପାରିଲାନାହିଁ। ଚାଳକ ଟ୍ରେନ୍‌କୁ ଆଗକୁ ନେବାକୁ ଯଥାସାଧ୍ୟ ଉଦ୍ୟମ କରି ମଧ୍ୟ ବିଫଳ ହୋଇଥିଲେ। ଏପଟେ ଟ୍ରାକ୍ ଉପରେ ରେଳ ଇଞ୍ଜିନ ଚକାଗୁଡ଼ିକ କ୍ଷୀପ୍ରଗତିରେ ଘୂରିବା ଫଳରେ ଧାରଣାର ୧୨ଟି ସ୍ଥାନ ଅତିମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା। ମାଲବାହୀ ଟ୍ରେନ୍ ଅଟକି ରହିବା କାରଣରୁ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରେଳୱେ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଅବଗତ ହେବାପରେ ରେଳଧାରଣା ମରାମତି ଆରମ୍ଭ ହୋଇଥିଲା। ମରାମତି ସମୟରେ ମୋଟ ୧୨ଟି ଲୁହାଧାରଣା ବଦଳାଯାଇଛି। ଟ୍ରେନ୍ ଚଳାଚଳ ସ୍ୱାଭାବିକ କରିବାକୁ କେତେକ ଏକ୍ସପ୍ରେସ ଏବଂ ସୁପରଫାଷ୍ଟ ଟ୍ରେନ୍‌କୁ ଡାଉନ୍ ଟ୍ରାକ୍‌ରେ ଛଡ଼ାଯାଇଥିଲା। ସନ୍ଧ୍ୟା ୬ଟାରେ ଉକ୍ତ କାର୍ଯ୍ୟ ଶେଷ ହେବାପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଛି।



ନଷ୍ଟ ହୋଇଯାଇଥିବା ରେଳଧାରଣାକୁ ମରାମତି କରାଯାଉଛି।

### ଭୋଟର ଲିଷ୍ଟରେ ଡିଲିଟ୍ ଷ୍ଟାମ୍ପ

# ୪ଘଣ୍ଟା ଅପେକ୍ଷା କଲେ, ଭୋଟ ନ ଦେଇ ଫେରିଲେ

ପରଜଙ୍ଗ, ୨୩।୪(ଡି.ଏନ୍.ଏ.)

ସକାଳ ୭ଟାରୁ ଅପେକ୍ଷା କରିଥିଲେ ଭୋଟ ଦେବାକୁ। ଦୀର୍ଘ ୪ ଘଣ୍ଟା ପରେ ବୁଥ୍ ଭିତରକୁ ଯିବାକୁ ମିଳିଲା ସୁଯୋଗ। ତଥାପି ମନରେ ନ ଥିଲା ସାମାନ୍ୟ ଅନୁଶୋଚନା କି କ୍ଷୋଭ। ହେଲେ ଭୋଟର ଲିଷ୍ଟ ଉପରେ ବାଜିଥିବା ଡିଲିଟ୍ ଷ୍ଟାମ୍ପ ସବୁ ବିଗାଡ଼ିଦେଲା। ହସହସ ମୁହଁରେ ଭୋଟ ଦେବାକୁ ସିନା ଯାଇଥିଲେ, ହେଲେ ବୁଥ୍‌ରୁ ବାହାରିବାବେଳକୁ ଜକେଇ ଆସିଥିଲା ଆଖି। ମୁହଁରୁ ସ୍ପଷ୍ଟ ବାରି ହୋଇପଡୁଥିଲା ଭୋଟ ନ ଦେଇପାରିବାର ଦୁଃଖ। ଏପରି ତ୍ରୁଟି ପାଇଁ ୮୫ ବର୍ଷ ବୟସ୍କା ସୁକୁମାରୀ ମଲ୍ଲିକ ଦାୟୀ କରିଛନ୍ତି ପ୍ରଶାସନିକ ଅବହେଳାକୁ। ଜାଣିଶୁଣି ତାଙ୍କ ନାମକୁ କାଟିଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ପରଜଙ୍ଗ ନିର୍ବାଚନମଣ୍ଡଳୀର ୧୧୧ନଂ. ବୁଥ୍‌କୁ ଭୋଟ ଦେବାକୁ ଆସିଥିଲେ ପରଜଙ୍ଗ ଗ୍ରାମର ବୃଦ୍ଧା ସୁକୁମାରୀ ମଲ୍ଲିକ। ତାଙ୍କ ହାତରେ ଥିଲା ଭୋଟର ପରିଚୟ ପତ୍ର। ହେଲେ ନିର୍ବାଚନ ଅଧିକାରୀ ଯାଞ୍ଚ କରିବା ସମୟରେ କ୍ରମିକ ସଂଖ୍ୟା ଥିବା ଭୋଟର ଲିଷ୍ଟରେ ଡିଲିଟ୍ ଲେଖାଥିବା ମୋହର ବାଜିଥିଲା। ତେଣୁ ନିୟମ ଅନୁଯାୟୀ ପ୍ରିଜାଇଡିଂ ଅଫିସର ତାଙ୍କୁ ମତସାବ୍ୟସ୍ତ କରିବାକୁ ସୁଯୋଗ ଦେଇ ନ ଥିଲେ। ଫଳରେ ସୁକୁମାରୀ ନିରାଶରେ ଘରକୁ ଫେରିଆସିଥିଲେ।



ସୁକୁମାରୀ ମଲ୍ଲିକ।




### ବିଭ୍ରାଟ ଭିତରେ ଭୋଟ

# ଯାନ୍ତ୍ରିକ ତ୍ରୁଟି, ତାତି, କାଳବୈଶାଖୀ



ଢେଙ୍କାନାଳ ଅଫିସ/ ପରଜଙ୍ଗ/କାମାକ୍ଷାନଗର (ଡି.ଏନ୍.ଏ.), ୨୩।୪

ସକାଳେ ଇଭିଏମ୍‌ରେ ଯାନ୍ତ୍ରିକ ତ୍ରୁଟି, ମଧ୍ୟାହ୍ନରେ ପ୍ରବଳ ଗ୍ରୀଷ୍ମପ୍ରବାହ ଆଉ ଅପରାହ୍ନରେ କାଳବୈଶାଖୀ ଝଡ଼ବର୍ଷା, ଢେଙ୍କାନାଳ ଜିଲାର ଭୋଟରଙ୍କ ଉତ୍ସାହକୁ କମାଇପାରିନାହିଁ। ହେଲେ ମତଦାନ କେନ୍ଦ୍ରରେ ଦେଖାଦେଇଥିବା ଅବ୍ୟବସ୍ଥାକୁ ନେଇ କେତେକ ସ୍ଥାନରେ ଅସନ୍ତୋଷ ଦେଖାଦେଇଥିଲା।

ଜିଲାର ବିଭିନ୍ନ ସ୍ଥାନରେ ଇଭିଏମ୍ ଏବଂ ଭିଭିପିଏଟି ଅଚଳ ହେବା ପରେ ଘଣ୍ଟା ଘଣ୍ଟା ଧରି ମତଦାନରେ ବିଳମ୍ବ ହୋଇଥିଲା। ଟାଣଖରା ସାଙ୍ଗକୁ ଅସହ୍ୟ ଝାଞ୍ଜି ସେଥିରେ ଦାଉ ସାଧିଥିଲା। ଜରୁରୀ କାମ ଛାଡ଼ି ଭୋଟଦେବାକୁ ଦୀର୍ଘ ସମୟ ଧରି ଧାଡ଼ିବାନ୍ଧି ଅପେକ୍ଷା କରିଥିବା ଭୋଟର ସମସ୍ୟାରେ ପଡ଼ିଥିଲେ। ମତଦାନ ପ୍ରକ୍ରିୟା ବିଳମ୍ବ ହେବାରୁ ଅନେକେ ଭୋଟ ଦେବାକୁ ଘରକୁ ପଳାଇଯାଇଥିଲେ। ସେମାନେ ଅପରାହ୍ନରେ ଭୋଟ ଦେବାକୁ ଆସିବାବେଳକୁ ମାଡ଼ି ଆସିଥିଲା ଝଡ଼ତୋଫାନ। ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିବାରୁ ଅନ୍ଧାର ବୁଥ୍‌ରେ ମତଦାନ ବିଳମ୍ବିତ ହୋଇଥିଲା। ଏହାକୁ ନେଇ କେତେକ ସ୍ଥାନରେ ସାମାନ୍ୟ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

#### କାମାକ୍ଷାନଗରରେ ବର୍ଷାବିଭ୍ରାଟ

ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ହୋଇଛି। ସାଢ଼େ ୪ଟାରୁ ଦୁଇ ଘଣ୍ଟା ଧରି ପ୍ରବଳ ଝଡ଼ତୋଫାନ ସାଙ୍ଗକୁ କୁଆପଥର ମାଡ଼ ସହରର ଚିତ୍ର ବଦଳାଇଦେଇଛି। ଏହାକୁ ନେଇ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିବାବେଳେ ୪ ଘଣ୍ଟା ଧରି ସହର ଅନ୍ଧକାରମୟ ହୋଇପଡ଼ିଥିଲା। କାମାକ୍ଷାନଗର ଏବଂ ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କାମାକ୍ଷାନଗର କଲେଜରେ ହୋଇଥିବା ଅସ୍ଥାୟୀ କାର୍ଯ୍ୟାଳୟ ଏବଂ କର୍ମଚାରୀଙ୍କ ରହଣି ତଥା ଇଭିଏମ୍ ରଖିବା ଲାଗି କରାଯାଇଥିବା ଅସ୍ଥାୟୀ ତମ୍ବୁ ଭୁଶୁଡ଼ି ପଡ଼ିଛି। ଏଥିରେ କର୍ମଚାରୀମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଅସ୍ଥାୟୀ କାର୍ଯ୍ୟାଳୟ ଭାଙ୍ଗିଯାଇଥିବାରୁ ସନ୍ଧ୍ୟାରେ ପୋଲିଂ ବୁଥ୍‌ରୁ ଫେରୁଥିବା କର୍ମଚାରୀଙ୍କ କାଗଜପତ୍ର ଗ୍ରହଣ କରିବାରେ ବାଧା ସୃଷ୍ଟି ହୋଇଥିଲା। ଜରୁରିକାଳୀନ ସମୟରେ ନିରାପତ୍ତା କର୍ମଚାରୀ, ଜେନେରେଟର ବ୍ୟବସ୍ଥା କରାଯାଇ ନ ଥିବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।




## କାର୍ ଧକ୍କାରେ ବୃଦ୍ଧ ମୃତ

ପରଜଙ୍ଗ/କାମାକ୍ଷାନଗର, ୨୩।୪(ଡି.ଏନ୍.ଏ.) ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥର କୁଲେଇ-ବଅଁରପାଳ ଛକରେ ମଙ୍ଗଳବାର ଅପରାହ୍ନରେ ଦୁର୍ଘଟଣା ଘଟିଛି। ଏକ କାର୍ ଧକ୍କାରେ ଜନ୍ଦା ନାଏକ (୬୦) ପ୍ରାଣ ହରାଇଛନ୍ତି। ସେ ଚାଲି ଚାଲି ଘରକୁ ଯାଉଥିବାବେଳେ ସାମ୍ନାପଟୁ ଉକ୍ତ କାର୍ ଧକ୍କା ଦେଇ ପଳାଇଥିଲା। ଗୁରୁତର ଅବସ୍ଥାରେ ଅଟୋରିକ୍ସା ସହାୟତାରେ ତାଙ୍କୁ ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ୧୪୯ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଛି। ସେହିପରି କାମାକ୍ଷାନଗର ରେକୁଳା ଗ୍ରାମର ବିଶ୍ୱନାଥ ବେହେରା (୫୮) ମଙ୍ଗଳବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ଗୁରୁତର ହୋଇଛନ୍ତି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।




## ୨ ବୃଦ୍ଧାଙ୍କୁ ଅଂଶୁଘାତ

ପରଜଙ୍ଗ/ଭୁବନ, ୨୩।୪ (ଡି.ଏନ୍.ଏ.)

ମତଦାନକୁ ନେଇ ଗୋଟିଏ ପଟେ ଭୋଟରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିବାବେଳେ ଅସହ୍ୟ ଖରା ଏଥିରେ ଦାଉ ସାଧିଥିଲା। ଭୋଟଦେବାକୁ ଲମ୍ବାଧାଡ଼ିରେ ଠିଆ ହୋଇଥିବା ବୟସ୍କ ଭୋଟର ସବୁଠାରୁ ବେଶି ସମସ୍ୟାର ସମ୍ମୁଖୀନ ହୋଇଥିଲେ।

ବସୋଇ ପଞ୍ଚାୟତର ଗୋଠବୁରି ସାହିର ବୟସ୍କା ଭୋଟର କଲେଇ ସାହୁ (୭୦) ମତଦାନ କେନ୍ଦ୍ରରେ ଅଂଶୁଘାତର ଶିକାର ହୋଇଛନ୍ତି। ଅସହ୍ୟ ଝାଞ୍ଜି ଏବଂ ଗୁଳୁଗୁଳି ଯୋଗୁ ଭୋଟ ଦେବାକୁ ଧାଡ଼ିରେ ଛିଡ଼ା ହୋଇଥିବାବେଳେ ସେ ହଠାତ୍ ତଳେ ପଡ଼ିଯାଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି ଭୁବନ ବ୍ଲକ ଗଡ଼ନୃସିଂହପ୍ରସାଦ ପଞ୍ଚାୟତର ସୌମିତ୍ରୀ ଜେନା ମଧ୍ୟ ମତଦାନ କେନ୍ଦ୍ରରେ ଅଂଶୁଘାତର ଶିକାର ହୋଇଥିବା ଜଣାପଡ଼ିଛି। ଗ୍ରୀଷ୍ମପ୍ରବାହରୁ ରକ୍ଷା ପାଇଁ ବୁଥ୍‌ରେ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। କେତେଜଣ ଭୋଟର ଲମ୍ବାଧାଡ଼ି ଦେଖି ଘରକୁ ପଳାଇଯାଇଥିବାବେଳେ ଅପରାହ୍ନରେ ଆସି ଭୋଟ ଦେଇଥିଲେ।



ସୌମିତ୍ରୀ ଜେନା।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ